
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ମାର୍ଚ୍ଚ ୨୦୧୫ ସଂସ୍କରଣ
୫
ପହିଲି ସ୍ପର୍ଶ
କମଣ ତୁତୁ
ବିଫଳ ପ୍ରେମ
ଗର୍ଭ ଚିତ୍କାର
ଓଁ ନମଃ ଶିବାୟ
ଜଣ୍ଡିସ୍ ଓ ହେପାଟାଇଟିସ୍
ପାଞ୍ଚଟଙ୍କାରେ ଭାତ ଡାଲମା
ଏହା କେଉଁ ପ୍ରକାରର ନ୍ୟାୟ
କୁନି କୁନି ପିଲାଙ୍କ ପାଇଁ
ଆଶାରେ ନିରାଶା
ଆତଙ୍କର ଅନ୍ୟନାମ
ସ୍ୱାଇନ୍ ଫ୍ଲୁ
କାହିଁକି ଦେଖିବା
ଇଣ୍ଡିଆସ୍ ଡଟର୍

ଦଶମ ବର୍ଷ, ତୃତୀୟ ସଂଖ୍ୟା
ମାର୍ଚ୍ଚ ୨୦୧୫

www.aahwaan.com

# ଆହ୍ୱାନ

**ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା**

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବ.ବ.ଏସ୍., ପି.ଜ.ଡ଼ି,ଏମ୍.ସି.ଏଚ୍, ପି.ଜ.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ପାଞ୍ଚ ଟଙ୍କାରେ ଭାତ ଡାଲମା

ଆମ ମହାଦୟାବାନ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି, ଯେଉଁ ଯୋଜନାରେ ରାଜ୍ୟର ପାଞ୍ଚଟି ପ୍ରମୁଖ ସହରରେ ସ୍ୱଳ୍ପ ଖର୍ଚ୍ଚରେ ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରାଯିବ । ଏହି ସବୁ ସ୍ଥାନରେ ମାତ୍ର ପାଞ୍ଚ ଟଙ୍କାରେ ଭାତ ଓ ଡାଲମା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହା ହୁଏତ ସେ ସୁଦୂର ତାମିଲନାଡୁରେ ପ୍ରଚଳିତ ଆମ୍ମା କେଣ୍ଟିନ୍ ଢାଞ୍ଚାରେ କରିବା କଥା ଚିନ୍ତା କରିଥାଇ ପାରନ୍ତି ବୋଲି ଅନୁମାନ । ସେ ଯା ହେଉ ତାମିଲନାଡୁ ରାଜ୍ୟର ଅନେକ ସ୍ଥାନରେ ଆମ୍ମା କ୍ୟାଣ୍ଟିନ ନାମରେ ସଂସ୍ଥାମାନ ଖୋଲିଯାଇ ଗରୀବ ମାନଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଖାଦ୍ୟ ଯୋଗାଇ ଦିଆଯାଉଛି । ଏହା ଦ୍ୱାରା ଅନେକ ଲୋକ ଲାଭାନ୍ୱିତ ହୋଇଛନ୍ତି ଏବଂ ହେଉଛନ୍ତି ମଧ୍ୟ । ଯଦିଓ ଏହି ସବୁ ସଂସ୍ଥା ଗରୀବ ମାନଙ୍କ ପାଇଁ କରାଯାଇଛି, ତଥାପି ଆର୍ଥିକ ଭାବରେ ସ୍ୱଚ୍ଛଳ ମଧ୍ୟମବର୍ଗର ଲୋକମାନେ ମଧ୍ୟ ଏହି ସବୁ ସ୍ଥାନରୁ ଖାଦ୍ୟ ଗ୍ରହଣ କରୁଥିବା କଥା ବିଭିନ୍ନ ସମୟରେ ଗଣମାଧ୍ୟମର ଶୀର୍ଷନାମା ମଣ୍ଡନ କରିଛି ।

ବର୍ତ୍ତମାନ ଆମ ରାଜ୍ୟ ଓଡ଼ିଶାରେ ଏହିପରି ବ୍ୟବସ୍ଥା କରି ସରକାର ସହରାଞ୍ଚଳରେ ରହୁଥିବା ଗରୀବମାନଙ୍କୁ ସେବା ଯୋଗାଇଦେବାର ଲକ୍ଷ୍ୟ ରଖିଥାଇ ପାରନ୍ତି ବୋଲି ଆମେ ଅନୁମାନ କରୁ । ଅବଶ୍ୟ ଏହା ପୂର୍ବରୁ ଆମ ରାଜ୍ୟରେ ଏକ ଟଙ୍କାରେ କିଲେ ଚାଉଳ ଯୋଗାଇବା ଯୋଜନା ଚାଲିଛି ଏବଂ ଏଥିରେ ଅନେକ ହିତାଧିକାରୀ ଲାଭାନ୍ୱିତ ହେଉଥିବା କଥା ସରକାର ଉଲ୍ଲେଖ କରି ଆସୁଛନ୍ତି । ଅନେକ ବୁଦ୍ଧିଜୀବି ଏହି ମତ ଦେଇଛନ୍ତି ଯେ କେବଳ ଏହି ଟଙ୍କିକିଆ ଚାଉଳ ହେତୁ ଆମ ରାଜ୍ୟରେ ବିଜୁ ଜନତା ଦଳ ନିଜର ପତିଆରା ହାସିଲ କରିପାରିଛି । ଏବେ ପ୍ରଶ୍ନ ଉଠୁଛି ଏମିତି ଏକ ଯୋଜନାର ଆବଶ୍ୟକତା କଣ ରହିଛି ? ଆବଶ୍ୟକତା ଅବଶ୍ୟ ରହିଛି । ଗ୍ରାମାଞ୍ଚଳରୁ ଯୁବକ ଯୁବତୀ ସମେତ ଅନେକ ଲୋକ

ଜୀବିକା ସନ୍ଧାନରେ ପ୍ରତିଦିନ ସହରାଭିମୁଖୀ ହେଉଛନ୍ତି । ଏହି ସବୁ ଲୋକ ସହରରେ ଆସି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ବେଳେ ଅନେକ ଲୋକ ଦୁଇ ଓଳି ଖାଇବାକୁ ମଧ୍ୟ ପାଉନଥିବା କଥା ସମସ୍ତେ ଊଣା ଅଧିକେ ଜାଣିଥିବେ । ବୋଧହୁଏ ସରକାର ସେଇମାନଙ୍କୁ ଆଖି ଆଗରେ ରଖି ଏହି ଯୋଜନା କଥା ଚିନ୍ତା କରିଥିବେ । କିମ୍ବା ସହରାଞ୍ଚଳର ଭୋଟର ମାନଙ୍କୁ ବିଜେଡ଼ିର ସମର୍ଥନ ପାଇଁ ଏହା ଏକ ଯୋଜନା ବି ହୋଇପାରେ ।

ଏହା ଦ୍ୱାରା ଲାଭବାନ ହେବେ ଅନେକ । ବେସାହାରା, ଦୁଃଖୀ, ମୂଲିଆ ଓ ଖଟିଖିଆ ଶ୍ରେଣୀର ଲୋକମାନେ ଏହି ଯୋଜନା ଦ୍ୱାରା ଲାଭାନ୍ୱିତ ହୋଇପାରିବେ । ଏବଂ କିଛି ଚାକିରୀଆ ଏବଂ ସ୍ୱଚ୍ଛଳ ବର୍ଗର ଲୋକମଧ୍ୟ ଏହା ଫଳରେ ଲାଭାନ୍ୱିତ ହୋଇପାରନ୍ତି ବୋଲି ଆମେ ଅନୁମାନ କରୁ । ଏହାପରି ଉଦାହରଣ ଚେନ୍ନାଇ ସହରରେ ଥିବା ଆମ୍ମା କ୍ୟାଣ୍ଟିନର ପ୍ରସିଦ୍ଧିରୁ ଜଣାପଡ଼େ । ଏହି ସବୁ କ୍ୟାଣ୍ଟିନରେ ମାତ୍ର ୧ ଟଙ୍କାରେ ଇଡ଼ଲି, ୫ ଟଙ୍କାରେ ସାମ୍ବାରଭାତ, ୩ ଟଙ୍କାରେ ଦହିଭାତ ପରି ଜିନିଷ ମିଳିବା ଦ୍ୱାରା ଏହା ଖୁବ୍ ଶୀଘ୍ର ଜନପ୍ରିୟ ହୋଇପାରିଲା । କିନ୍ତୁ ଏହି ସବୁ ଦ୍ୱାରା ଅନେକ ଅସୁବିଧା ମଧ୍ୟ ହୋଇଛି । ବିଶେଷତଃ ଏକ ଟଙ୍କାରେ ଇଡ଼ଲି ଦେଉଥିବା ସରକାର ପ୍ରତି ଇଡ଼ଲି ପାଇଁ ୨ ଟଙ୍କା ୬୪ ପଇସା ସବସିଡ଼ି ଦେଉଛନ୍ତି, ସେମିତି ସମ୍ବାରଭାତ ପାଇଁ ୯ ଟଙ୍କା ୭୩ ପଇସା, ଦହିଭାତ ପାଇଁ ୪ ଟଙ୍କା ୪୪ ପଇସା ସବସିଡ଼ି ଦେଉଛନ୍ତି, ଏହା ଦ୍ୱାରା ରାଜସ୍ୱ କ୍ଷତି ଘଟୁଛି । ଯାହା ଆମ ରାଜ୍ୟର ଦୁର୍ବଳ ଅର୍ଥନୀତି ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । ଏବେ ଟଙ୍କିକିଆ ଚାଉଳ ପାଇଁ ଆମ ରାଜ୍ୟ ଅର୍ଥନୀତିକ ଦୃଷ୍ଟିରୁ ଦୁର୍ବଳ ହୋଇ ଆସୁଥିବା ବେଳେ ପୁଣିଥରେ ଏକ ଯୋଜନା ହେତୁ ଆର୍ଥିକ କ୍ଷତିର ପରିମାଣ ବହୁତ ବଢ଼ିଯାଇପାରେ ।

ଏହି ଯୋଜନା ଦ୍ୱାରା ଗରିବ ଓ ଖଟିଖିଆ ମାନେ ଲାଭବାନ ହେଉଥିବା ବେଳେ ଏହା ଫଳରେ ଠେଲାଗାଡ଼ିରେ କିମ୍ବା ରାସ୍ତା କଡ଼ରେ ଦୋକାନ କରି ଜଳଖିଆ ଓ ଖାଦ୍ୟ ବିକ୍ରିକରୁଥିବା ଲୋକମାନେ ନିଶ୍ଚୟଭାବେ କ୍ଷତିଗ୍ରସ୍ତ ହେବେ । ଶସ୍ତାରେ ଖାଇବା ମିଳିଲେ କାହିଁକି କିଏ ଅଧିକ ଦାମ ଦେଇ ଖାଇବାକୁ ଯିବ ? ଏହା ଦ୍ୱାରା ଆହୁରି ଅନେକ ବେରୋଜଗାରୀ ଓ ଗରୀବ ବଢ଼ିବ ବୋଲି ଅନେକ ମତ ଦିଅନ୍ତି ।

ଆମ ରାଜ୍ୟରେ ଅଧିକାଂଶ ଲୋକଙ୍କୁ ସରକାରଙ୍କ ଠାରୁ ଶସ୍ତା ଦରରେ ଚାଉଳ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପଦାର୍ଥ ମିଳୁଛି । ବିପିଏଲ୍ ପରିବାର ମାନଙ୍କୁ ମାତ୍ର ଏକ ଟଙ୍କାରେ ଚାଉଳ ଯୋଗାଇ

ଦଆଯାଉଛ, ତା ହେଲେ ପୁଣିଥରେ ମାଗଣାରେ ରୋଷେଇ ହୋଇଥିବା ଖାଦ୍ୟ ଦଆଯିବାର ଯଥାର୍ଥତା କଣ ? ଏହା ଫଳରେ ଲୋକମାନେ କୌଣସି ବୃତ୍ତି ବା ଜୀବକା କରବାପାଇଁ ଇଚ୍ଛା ପ୍ରକାଶ କରବେ ନାହିଁ । ସ୍ୱଳ୍ପ ଖର୍ଚ୍ଚରେ ଖାଇବାକୁ ପାଇଲେ ପାଉଥିବା ଚାଉଳକୁ ସେମାନେ ବକ୍ରୀ କରଦେଇ ମାସିକ ଖାଇବା ଖର୍ଚ୍ଚ ପାଇପାରବେ । ଅନେକ ହୁଏତ ବଳକା ପଇସାକୁ ନେଇ ମଦ ସିଗାରେଟ୍ କର କୁଅଭ୍ୟାସ ପାଇଁ ଖର୍ଚ୍ଚ କରବେ । ସେମିତରେ ବ ଘର ପାଇଁ ନଃଶୁଳ୍କ ବଜୁ ଗ୍ରାମ୍ୟଜ୍ୟୋତ ଯୋଜନାରେ ବଦ୍ୟୁତ ମିଳୁଛ । ପିଲାମାନଙ୍କ ପାଠପଢ଼ା ପାଇଁ ମାଗଣା ସ୍କୁଲ୍ ଏବଂ ମଧ୍ୟାହ୍ନ ଭୋଜନ ଅଛ । ଝିଅମାନଙ୍କୁ ସାଇକେଲ୍ ମିଳୁଛ । ରେସନ୍ କାର୍ଡ଼ରେ ସବସିଡ଼ିରେ ଚାଉଳ, କରୋସିନ ସବୁ ମିଳୁଛ । ତେଣୁ ଯେଉଁମାନେ ନଜକୁ ଗରୀବ ବୋଲି ପ୍ରମାଣିତ କରପାରିଲେ ସେମାନେ ସବୁ ପ୍ରକାର ସୁବଧା ସରକାରଙ୍କ ପାଖରେ ପାଇ ପାରବେ । ଆଉ ସେମାନଙ୍କୁ କର୍ମକୋଡ଼ିଆ କରବାରେ ସରକାରଙ୍କ ପ୍ରଚ୍ଛନ୍ନ ହାତ ରହଛ ଏଥିରେ ଦ୍ୱମତ ନାହିଁ । ବର୍ତ୍ତମାନ ବଲରେ ହଳ କରବା, ଧାନ ରୋଇବା ପାଇଁ ଚାଷୀଙ୍କ ଅଭାବ ଦେଖା ଦେଲାଣି, ଘର ତଆର ହେଉ ବା ଅନ୍ୟ ଯେ କୌଣସି କାମ ହେଉ, ସବୁ କ୍ଷେତ୍ରରେ କୁଶଳୀ କାରଗରଙ୍କ ଅଭାବ ଦେଖାଦେଲାଣି । କାରଣ ସେମାନେ ଆଉ କାମ କରବାକୁ ଇଚ୍ଛା କରୁନାହାନ୍ତି । ପୁଣି ଥରେ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇଦେଲେ ସେମାନେ ଆଉ ଯାହା ବ କାମ କରୁଥିଲେ ସେତକ ବ କରବେନ । ଆଉ ଏଇ ସବୁ ଖର୍ଚ୍ଚ ସେମାନେ ଦେବେ ଯେଉଁମାନେ ଦନରାତ ପରଶ୍ରମ କର ପାଠପଢ଼ି ଚାକରୀ କରନ୍ତି । ସେମାନଙ୍କ ଟାକ୍ସ ପଇସାରେ ନଜକୁ ଗରୀବ କୁହାଉଥିବା କଛ କର୍ମକୋଡ଼ିଆ ଲୋକ ଲାଭାନ୍ୱିତ ହେବେ । ସମାଜରେ ଏହାକୁ ହିଁ ସାମ୍ୟ ଚନ୍ତାଧାର ବୋଲି କୁହାଯାଇପାରେ, ନା କଣ ??? ମଧ୍ୟମବର୍ଗର ଜଣେ ଲୋକ ନଜ ପରଶ୍ରମରେ ଆୟ କରୁଥିବା ରାଶିରୁ କଛ ସରକାରଙ୍କୁ କର/ଟାକ୍ସ ଆକାରରେ ଦାନ କରେ ଆଉ ସରକାର ସେଇ ଅର୍ଥକୁ ନେଇ ସେହମାନଙ୍କ ଉପରେ ବ୍ୟବହାର କରନ୍ତି, ଯେଉଁମାନେ କଛ କରନ୍ତି ନାହିଁ । ଏହା ଦେଖିଲେ କୌଣସି ବ୍ୟକ୍ତି କେମିତ ସହବ ?

ଦେଖାଯାଉ ଏହା ଦ୍ୱାରା ରାଜ୍ୟର କେଉଁ ପ୍ରକାର ଉନ୍ନତ ହେଉଛ, କମ୍ବା ଏହାକୁ କେନ୍ଦ୍ରକର କେଉଁ ସବୁ ଦୁର୍ନୀତ ଜନ୍ମ ନେଉଛ । ଯାହା ବ ହେଉ ପୁଣିଥରେ ମଧ୍ୟମବର୍ଗଙ୍କ ଉପରେ ଟାକ୍ସର ବୋଝ ଲଦ ନ ଦଆଯାଉ ।

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ୍

# ଚଳିତ ସଂସ୍କରଣରେ...

ସମ୍ପାଦକୀୟ ୪
ହେପାଟାଇଟିସ୍ ଓ ଜଣ୍ଡିସ୍ ୮
ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ
ଫଗୁଣ ଆସିଲା ୧୨
ମମତା ଦାଶ
ନର୍ଦ୍ଦୋଷ ଦୋଷୀ ୧୩
ଅନୁପମ ବେହେରା
ସାହତ୍ୟରେ ବେପାର ୧୫
ଶର୍ମିଷ୍ଠା ମହାପାତ୍ର
ଅତୃପ୍ତ ୧୯
ହ୍ରତେଶ୍ ମହାପାତ୍ର
ପରବାମିଶା ଚକୁଳ ପିଠା 20
ପଦ୍ମନୀ ପ୍ରିୟଦର୍ଶିନୀ ମିଶ୍ର
ଗୁଳଶି ଟଙ୍କାର ନଦ ୨୩
ମଧୁମିତା ମହାନ୍ତ
ନାରଦଙ୍କ କଳା ପଲସର୍ ୨୯
ଡା ସୌମ୍ୟରଞ୍ଜନ ମିଶ୍ର
ମହୁର ୩୦
ଋତୁ ପଟ୍ଟନାୟକ ମହାନ୍ତ
ତମେ ୩୨
ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ
ଇତଶ୍ରୀ ୩୩
ରବନ୍ଦ୍ର ପାଣିଗ୍ରାହୀ
ଝିଅ ନୁହେଁ ସେ ମରୁବାଲ ୩୮
ପ୍ରଶାନ୍ତ କୁମାର ନାଥ
ଗତର ଗପ ସରନାହିଁ ୩୯
ବସନ୍ତ କୁମାର ପାଣିଗ୍ରାହୀ
ଇଣ୍ଡିଆସ୍ ଡଟର୍ ୪୧
ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ
ଗର୍ଭ ଚତ୍କାର ୪୫
ରଞ୍ଜନ କୁମାର ସ୍ୱାଇଁ
ଆଶାରେ ନରଶା ୪୮
ସରତା ପଣ୍ଡା
କୁନ କୁନ ପିଲାଙ୍କ ପାଇଁ ୫୬
ରହୁଲ ପଣ୍ଡା
ବାଇଗଣ ବ୍ୟଞ୍ଜନ ୫୮
କୁନ ମିଶ୍ର
ଆତଙ୍କର ଅନ୍ୟନାମ ସ୍ୱାଇନ୍ ଫ୍ଲୁ ୬୧
ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ
କମଣ ଡୁଡୁ ୬୪
ପ୍ରଶାନ୍ତ କୁମାର ଭୂୟାଁ
ପହଲ ସ୍ୱର୍ଣ୍ଣ ୬୭
ସ୍ୱରୂପ କୁମାର ମଲ୍ଲ
ଓମ୍ ନମଃ ଶିବାୟ ୬୮
ଶ୍ରୀସୂର୍ଯ୍ୟକାନ୍ତ ଦାଶ
ମତେ ଗୁଡ଼ି ତମେ କଣ ବାହାହେବ ତାଙ୍କୁ ! ୬୯
ଡା ନୀଳମାଧବ କର

# ହେପାଟାଇଟିସ୍ ଓ ଜଣ୍ଡିସ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ଚଳିତବର୍ଷ ପ୍ରାରମ୍ଭରୁ ଓଡ଼ିଶାର ପଶ୍ଚିମାଞ୍ଚଳରେ ଥିବା କିଛି ଜିଲ୍ଲା, ମୁଖ୍ୟତଃ ସମ୍ବଲପୁର ଅଞ୍ଚଳରେ ଜଣ୍ଡିସ୍ ବ୍ୟାପିବା ଦ୍ୱାରା ଅନେକ ନିରୀହ ପ୍ରାଣହାନି ହୋଇଛି ଏବଂ ହେଉଛି ମଧ୍ୟ । ଉଭୟ ସରକାରୀ ଓ ବେସରକାରୀ ଚିକିତ୍ସା ବ୍ୟବସ୍ଥା ଥାଇ ସୁଦ୍ଧା ଏହିପରି ଏକ ମହାମାରୀ ବ୍ୟାପିଲା କାହିଁକି, ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏହାଠାରୁ ଅଧିକ ଭୟଙ୍କର ହେଉଛି, ଏହି ରୋଗ ବର୍ତ୍ତମାନ ସମ୍ବଲପୁର ବ୍ୟତୀତ ରାଜ୍ୟର ଅନେକ ଜିଲ୍ଲାରେ ବ୍ୟାପିବାରେ ଲାଗିଛି । ଏହି ରୋଗ କଣ ? ଏହା କାହିଁକି ହୁଏ ? କେମିତି ବ୍ୟାପେ ଏବଂ କେଉଁମାନଙ୍କୁ ନିଜ କବଳରେ ନିଏ, ସେହି ବିଷୟରେ ଏକ କ୍ଷୁଦ୍ର ସୂଚନାତ୍ମକ ଲେଖା ଉପସ୍ଥାପନ କରୁଛି ।

## *ଜଣ୍ଡିସ ରୋଗ ମାନେ କଣ ?*

ପ୍ରଥମତଃ କହିଦିଏ, ଜଣ୍ଡିସ୍ ଏକ ରୋଗ ନୁହେଁ, ବରଂ ଶରୀରରେ ହେଉଥିବା ଅନେକ ରୋଗର ଏହା ଏକ ଲକ୍ଷଣମାତ୍ର । ବିଭିନ୍ନ ପ୍ରକାର ରୋଗରେ ଏହା ଦେଖାଦେଇଥାଏ, ଏବଂ ସବୁଠାରୁ ଅଧିକ ଲିଭର ବା ଯକୃତ ଜନିତ ରୋଗରେ ଏହା ଅଧିକ ଦେଖାଦେଇଥାଏ ।

ଜଣ୍ଡିସକୁ ଓଡ଼ିଆରେ 'କାମଳ' ରୋଗ ବୋଲି ମଧ୍ୟ କୁହାଯାଏ, ଯେଉଁଥିରେ, ଯେଉଁଥିରେ ଶରୀରର ରଙ୍ଗ ହଳଦିଆ ହୋଇଯାଏ । ଏହା ପ୍ରଥମେ ଆଖିରେ ଦେଖାଯାଏ ଏବଂ ବିନା ଚିକିତ୍ସାରେ ପରେ ପରେ ଏହା ସମଗ୍ର ଶରୀରକୁ ହଳଦିଆ କରିଦେଇ ଥାଏ । ଏହା ହେଲେ ପରିସ୍ରା ହଳଦିଆ ହୋଇପାରେ, ବେଳେ ବେଳେ ଝାଡ଼ା କାଦୁଆ ରଙ୍ଗର ବା ବିନା ରଙ୍ଗର ବି ହୋଇପାରେ ।

ଶରୀରରେ ବଲରୁବନ୍ ନାମକ ରସାୟନର ମାତ୍ରାଧିକ ପରମାଣର ଉପସ୍ଥିତ ହେତୁ ଶରୀର ହଳଦଆ ଦେଖାଯାଏ । ଏହ ରସାୟନ ଆମ ରକ୍ତରେ ଥିବା ଲୋହତ ରକ୍ତ କଣିକା ବଭାଜନ ହେଲେ ମିଳଥାଏ ।

## ଜଣ୍ଡିସର କେଉଁ କାରଣରୁ ହୁଏ ?

ଯକୃତ ସଂଲଗ୍ନ ଅନେକ ଶାରରୀକ ବ୍ୟବସ୍ଥାରେ ଅସୁବଧା ହେତୁ ଜଣ୍ଡିସ୍ ହୋଇଥାଏ । ମାଲେରଆ, ସିକଲ୍ ସେଲ୍ ରୋଗ, ଥାଲସେମିଆ, ହେପାଟାଇଟିସ୍, ବଭିନ୍ନ ପ୍ରକାରର ଔଷଧ, ଏବଂ କ୍ୟାନସର ହେତୁ ଏହା ହୋଇପାରେ । ମୁଖ୍ୟତଃ ହେପାଟାଇଟିସ୍ ନାମକ ଭୂତାଣୁ ହେତୁ ଏହ ରୋଗ ହୋଇଥାଏ ।

## ସମ୍ବଲପୁରରେ ହୋଇଥିବା ଜଣ୍ଡିସର କାରଣ କଣ ?

ସମ୍ବଲପୁରରେ ହେଉଥିବା ଜଣ୍ଡିସ, ପ୍ରାଥମିକ ପରୀକ୍ଷଣ ପରେ ହେପାଟାଇଟିସ୍ ଭୂତାଣୁ ଏ ଜନତ ବୋଲ ଜଣାଯାଇଛି । ଏହ ଭୂତାଣୁ ଆଗରୁ Infectious Hepatitis ନାମକ ରୋଗ କରବାର ଉଦାହରଣ ରହଛି । ଯାହା ଦ୍ୱାର ଯକୃତ ରୋଗାକ୍ରାନ୍ତ ହୋଇଥାଏ । ଏହ ଭୂତାଣୁ ବହୁତ ଶୀଘ୍ର ସଂକ୍ରମଣ କରେ ଏବଂ ବ୍ୟାପିଥାଏ । ଏବଂ ଏହାଦ୍ୱାର ଯକୃତର କାର୍ଯ୍ୟକ୍ଷମତା କମ ହୋଇଥାଏ ।

## ହେପାଟାଇଟିସ୍ ଏ କଣ ?

ଏହା ଏକ ପ୍ରକାରର ଭୂତାଣୁ ଜନତ ରୋଗ । ଏହ ଭୂତାଣୁ ସଂକ୍ରମିତ ପାଣି ଓ ଖାଦ୍ୟ ଦ୍ୱାର ବ୍ୟାପିଥାଏ । ନର୍ମଳ ଜଳ ଓ ଅପରଷ୍କାର ପରବେଶରେ ଏହ ରୋଗ ବ୍ୟାପିଥାଏ । ବେଳେ ବେଳେ ଏହା ମହାମାରୀର ରୂପ ନେଇଥାଏ । ଏବଂ ଏହାକୁ ସହଜରେ ଦୂର କର ହୁଏନ ।

ଦୁଷିତ ଜଳ ଏବଂ ସଂକ୍ରମିତ ଜଳରେ ଏହ ରୋଗ ବ୍ୟାପିଥାଏ, ତେଣୁ ସାଧାରଣତଃ ମ୍ୟୁନସିପାଲଟି କମ୍ବା ବଡ଼ ସହର ମାନଙ୍କରେ ହେଉଥିବା ଜଳଯୋଗାଣ ସ୍ଥାନରେ ଯଦ ଏହ ଭୂତାଣୁ ମିଳେ ତାହେଲେ ଅନେକ ଲୋକ ସେ ଜଳ ବ୍ୟବହାର କର ରୋଗାକ୍ରାନ୍ତ ହୋଇପାରନ୍ତ ।

## ହେପାଟାଇଟିସ୍ ଏ ହେଲେ କଣ ଲକ୍ଷଣ ଦେଖାଯାଏ ?

ଏହ ରୋଗରେ ବେଳେ ବେଳେ କୌଣସି ଲକ୍ଷଣ ଦେଖାଯାଏ ନାହିଁ ଆଉ ବେଳେ ବେଳେ ଅତ୍ୟାଧିକ

ଲକ୍ଷଣ ଦେଖାଯାଏ । ସାଧାରଣତଃ ଜ୍ୱର, ଦୁର୍ବଳତା, କ୍ଷୁଧାହୀନତା, ତରଳଝାଡ଼ା, ବାନ୍ତି, ପେଟ ବ୍ୟଥା, ହଳଦିଆ / ଗାଢ଼ ରଙ୍ଗର ପରିସ୍ରା, ଏବଂ ଜଣ୍ଡିସ ।

ଅଳ୍ପବୟସ୍କ ଶିଶୁମାନଙ୍କ କ୍ଷେତ୍ରରେ ଏହାର ଲକ୍ଷଣ ବହୁତ କମ ଦେଖାଯାଏ । ବୟସ ବଢ଼ିବା ସହିତ ରୋଗର ଲକ୍ଷଣ ଅଧିକରୁ ଅଧିକ ଦେଖାଯାଏ । ଶିଶୁମାନଙ୍କରେ ମାତ୍ର ଦଶ ପ୍ରତିଶତ ଶିଶୁ ଜଣ୍ଡିସ ଆକ୍ରାନ୍ତ ହୁଅନ୍ତି, କିନ୍ତୁ ବୟସ୍କ ଏବଂ ବୃଦ୍ଧବୃଦ୍ଧାଙ୍କ କ୍ଷେତ୍ରରେ ଏହା ୭୦-୮୦ ପ୍ରତିଶତ ହୋଇପାରେ ।

*ହେପାଟାଇଟିସ୍ କାହାକୁ ହୋଇପାରେ ?*

ଏହି ରୋଗ ସମସ୍ତଙ୍କୁ ହୋଇପାରେ । ଯେଉଁମାନେ ଅତୀତରେ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ସେମାନଙ୍କୁ ପୁଣିଥରେ ଏହି ରୋଗ ନ ହୋଇପାରେ । ପରିଷ୍କାର ପରିଛନ୍ନତାର ଅଭାବ, ନିର୍ମଳ ଜଳର ଅଭାବ ଏହି ରୋଗର ମୁଖ୍ୟ କାରଣ । ହେପାଟାଇଟିସ୍ ଏ ହେଉଥିବା ଅଞ୍ଚଳରେ ରହୁଥିବା ସମସ୍ତ ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି ।

*ହେପାଟାଇଟିସ୍ ଏ ହୋଇଛି ବୋଲି କେମିତି ଜଣାପଡ଼େ ?*

ହେପାଟାଇଟିସ୍ ହୋଇଥିବା ବ୍ୟକ୍ତିର ରକ୍ତର ନମୁନାକୁ ପରୀକ୍ଷା କରି ଏହାର କାରଣ ଜଣାପଡ଼ିପାରେ । ଏହି ପରୀକ୍ଷା ରାଜ୍ୟର ସମସ୍ତ ମେଡ଼ିକାଲ୍ କଲେଜ ଏବଂ ହସପିଟାଲରେ ଉପଲବ୍ଧ ରହିଛି ।

*ହେପାଟାଇଟିସ୍ ଏ ରୋଗୀପାଇଁ କେଉଁ ଚିକିତ୍ସା ଉପଲବ୍ଧ ?*

ହେପାଟାଇଟିସ୍ ଏ ପାଇଁ କୌଣସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ । ଯଦିଓ ଏହି ରୋଗାକ୍ରାନ୍ତ ବ୍ୟକ୍ତିକୁ ଅନେକ ଔଷଧ ଦିଆଯାଏ, ସେ ସବୁ କିନ୍ତୁ ରୋଗୀକୁ ସ୍ୱାସ୍ଥ୍ୟବାନ ରଖିବା, ଶାରିରୀକ ପୁଷ୍ଟିବଜାୟ ରଖିବା ଆଦିକୁ ଧ୍ୟାନରେ ରଖି ଦିଆଯାଇଥାଏ । ଚିକିତ୍ସା ସମୟରେ ଲିଭର ଟନିକ୍, ଭିଟାମିନ୍, ସୁଷମ ଖାଦ୍ୟ, ବିଶ୍ରାମ ଆଦି ବିଷୟ ପ୍ରତି ବିଶେଷ ଧ୍ୟାନ ଦିଆଯାଏ ।

*ହେପାଟାଇଟିସ୍ ଏ ରୋଗ ନ ହେବା ପାଇଁ କଣ କରାଯାଇପାରେ ?*

ଯେହେତୁ ଏହି ରୋଗ ଅପରିଷ୍କାର ପରିବେଶ, ଦୁଷିତ ଜଳ, ପ୍ରଦୁଷିତ ଖାଦ୍ୟ ଯୋଗୁଁ ହୁଏ, ତେଣୁ ଏ

ସବୁଠାରୁ ଦୂରରେ ରହିବା ନିତାନ୍ତ ଜରୁରୀ ।

ଘରର ପରିବେଶ ସଫା ରଖିବେ ।

ଖାଦ୍ୟପଦାର୍ଥକୁ ସଫାରେ ପ୍ରସ୍ତୁତ କରିବେ ଏବଂ ସଂକ୍ରମିତ ହେବାଠାରୁ ଦୂରରେ ରଖିବେ ।

ହେପାଟାଇଟିସ୍ ଏ ଟୀକାକରଣ କାର୍ଯ୍ୟକ୍ରମର ସୁଯୋଗ ନେବେ ।

ସଫା ଓ ବିଶୋଧିତ ଜଳ ସେବନ କରିବେ ।

ଖାଇବା ପୂର୍ବରୁ ଏବଂ ଶୌଚ ହେବାପରେ  ବାରମ୍ବାର ହାତକୁ ସାବୁନରେ ଧୋଇବେ ।

ଉପରୋକ୍ତ ସମସ୍ତ ସତର୍କତା ଅବଲମ୍ବନ କଲେ ଆପଣ ହେପାଟାଇଟିସ୍ ଏ ଦ୍ୱାରା ହେଉଥିବା ସଂକ୍ରମଣରୁ ନିଜକୁ ରକ୍ଷା କରିପାରିବେ ।



# ଫଗୁଣ ଆସିଲ୍

ମମତା ଦାଶ (ଲେଖିକା)



ଫଗୁଣର ପ୍ରବେଶ .............
ମଞ୍ଜରତ ଯୌବନର ମଧୁମୟ ହସ
କୋକଳର ମଧୁରମା – ସୁମଧୁର କଣ୍ଠ
ମାଦକତା – ମଧୁକର କରଇ ଆକୃଷ୍ଟ
ମନ୍ଦ-ମନ୍ଦ ମଳୟର ମନ୍ଦ-ମନ୍ଥର ଗତ
ମନ୍ଦାର-ମଲ୍ଲୀ-ମାଳତୀ ମଣ୍ଡିତ
ଏକାନ୍ତ-କ୍ରୀଡିତ ମଧୁବନେ-ମଧୁର-ବଶ୍ରାନ୍ତ
ସଦୃଶ ଲକ୍ଷ୍ମୀକାନ୍ତ ॥

ଜଗତର ଏହ ରହସ୍ୟ
ଆଉ, ମୋ.................
ଚଞ୍ଚଳ ମନର ଆଳସ୍ୟ
ଅରୁଣର ଅମ୍ଳାନ କରଣ
ବେଦାନ୍ତୀ-ବୈଭବେ କୁସୁମ ସମାନ
ଅବରମ ଜଗତକୁ କରୁଛ ପାବନ ॥

ବଜନ-କାନନେ ମସ୍ତିଭର୍ କୁଞ୍ଜର
ତାଳେ-ତାଳେ ନୃତ୍ୟରତ ଧର ପୃଥୁଳ ଶରୀର
ମଧୁ-ମାଳତୀର ମୃଦୁଳ ଅର୍ଦ୍ଧମୁକ୍ତ ଅଙ୍ଗ
ଦେଖ...........ଦେଖ............
ଅଦନଆ ମେଘ ମଧ୍ୟେ ବଜୁଳର ରଙ୍ଗ
ଫଗୁଣର ଏହ ଆକର୍ଷଣ, ବଶ୍ୱ କାମନା ପୂର୍ତ୍ତି
ଅଳସେଇ ମନରେ ମୋ ଭରଦେଲ୍ ସ୍ଫୂର୍ତ୍ତି ।।

ମୁମ୍ବାଇ, ମହାରାଷ୍ଟ୍ର
mamata.dash1234@gmail.com

# ନିର୍ଦ୍ଦୋଷ ଦୋଷୀ

ଅନୁପମ ବେହେରା



ମୋ ଜୀବନରେ ଏମିତ ଗୋଟେ ଦନ ଆସିବ ବୋଲ ମୁଁ କେବେ ଭାବ ନ ଥିଲ । ଯାହାକୁ ସଂପୂର୍ଣ୍ଣ ରୂପେ ଭୁଲଯାଇଥିଲ ମୁଁ ସେ ଏମିତ ହଠାତ୍ ମୋ ସାମ୍ନାକୁ ଚାଲିଆସିବ ବୋଲ ମୁଁ କେବେ କଳ୍ପନା ସୁଧା କରନଥିଲ । ତେବେ ଏସବୁ ଘଟିଥିଲା ମୋ ସାଥିରେ । ଅକସ୍ମାତ୍ ସେଦନ ଦେଖା ହେଇଥିଲା ତା ସାଥିରେ ସମୁଦ୍ର କୂଳେ ବୁଲୁ ବୁଲୁ । ସେ ଆଖି ମିଶେଇପାର ନ ଥିଲା ମୋ ସାଥିରେ । ମୋ ଆଖି ହେଇଯାଇଥିଲା ଲୁହ ଛଳ ଛଳ । କଛ ସମୟ ଚୁପ୍ ଚାପ୍ ଠିଆହେଲା ପରେ ସେ ମୁହଁ ଟେକଲା ଉପରକୁ । ଟପ୍ ଟପ୍ ହୋଇ ତା ଆଖିରୁ ଲୁହ ବୋହୁଥିଲା । ମୁଁ ଶତ ଚେଷ୍ଟାକର ବ ପୋଛିପାରଲନ ତା ଲୁହ । ବୋଧହୁଏ ସେ ଅଧିକାର ମୁଁ ହରେଇ ସାରଥିଲ । ମୋ ତଣ୍ଟିପାଖରେ ଅଟକଥିବା ପ୍ରଶ୍ନଗୁଡାକୁ ସେ କନ୍ତୁ ପଢିପାରଥିଲା ମୋ ଆଖିରେ । ତେବେ ତା ଉତ୍ତର ଗୁଡାକ ଲୁହ ହୋଇ ବୋହଚାଲଥିଲେ ଅମାନିଆ ନଈ ପର ।

ନୀରବତା ଭଙ୍ଗ କର ସେ ବାଷ୍ପାରୁଦ୍ଧ କଣ୍ଠରେ ପ୍ରଶ୍ନ କଲା – କେମିତ ଅଛୁ ତୁ ?

- ଭୁଲଗଲୁ ? ତୁ ପରା ନଜେ କହୁଥିଲୁ ତୁଳସୀ ବନା ଚନ୍ଦନର ମୂଲ୍ୟ କଛ ନାହିଁ । ତେବେ ଏ ପ୍ରଶ୍ନ କରବାର ମାନେ କଣ ?
- ମୋତେ କ୍ଷମା କରଦେବୁ ଚନ୍ଦନ ? ହୁଏତ ମୋ ଭାଗ୍ୟରେ ତୁ ନ ଥିଲୁ ।
- ଭାଗ୍ୟକୁ ଦୋଷ ଦେ ନା ତୁ । ସତ କହବାକୁ ଗଲେ ତୁ ମୋତେ କେବେ ଭଲ ପାଇ ନ ଥିଲୁ । ସେସବୁ ଥିଲା ଛଳନା । ଟାଇମ୍ ପାସ୍ ! ତୁ ମୋତେ...

- ଚନ୍ଦନ ! ସେମିତ କହନ ଚନ୍ଦନ । ମୁଁ ଶୁଣିପାରବନ । ମୁଁ ତୋତେ କାଲ ଯେତେ ଭଲ ପାଉଥିଲ ଆଜ ବ ସେତକ ଭଲ ପାଉଥିଲ ଆଉ ପାଉଥିବ ମଧ ।

- କେତେ ଆଉ ମିଛ କହବୁ ତୁ ତୁଳସୀ ? (ମୁଁ ତାଛଲ୍ୟଭର୍ କଣ୍ଠରେ କହଲ ।)

ଏତକ କହ ମୁଁ ବାଟ ଭଙ୍ଗି ଗ୍ଳଲଯିବାକୁ ବସିଥିଲ । ଏତକବେଳେ ତୁଳସୀର ପୁଅ ଦୌଡି ଦୌଡି ଆସି ପଗ୍ଳରଲ୍- “ମା ! ଏ ଅଙ୍କଲ୍ କଏ ?”

ମୁଁ ବୁଲପଡିଲ । ସେ ତୁଳସୀର କାନ ଧର ମୋତେ ଅନେଇଥିଲ୍ ବଲ ବଲ କର ।

- ହାଏ ! ବେଟା । ତୁମ ନାମ କଣ ?

- ଚନ୍ଦନ ! (କହ ସେ ଦୌଡିଗଲ୍ ସମୁଦ୍ର ଆଡେ ।)

“ଚନ୍ଦନ” ଶବ୍ଦଟା ଶୁଣି କରେଣ୍ଟ ଖେଳଗଲ୍ ମୋ ଦେହରେ । ଗୋଟିଏ ସେକେଣ୍ଡରେ ବଦଳଗଲ୍ ପରସ୍ଥିତ । ସତ ଓ ମିଛ ଉପରୁ ପରଦା ହଟିଗଲ୍ ସେଇ ମୂହୂର୍ତରେ । ତୁଳସୀର ଭଲପାଇବାର ପ୍ରମାଣ ମିଳଗଲ୍ ଓ ମୁଁ ମୁହଁ ତଳକୁ ପୋତ ଦୋଷୀ ପର ଠିଆ ହୋଇଥିଲ ତା ଆଗରେ ।



# ସାହିତ୍ୟରେ ବେପାର

ଶାସ୍ତ୍ରୀୟ ମାନ୍ୟତାର ବିଡ଼ମ୍ବନା : ସାହିତ୍ୟରେ ବେପାର

ଶର୍ମିଷ୍ଠା ମହାପାତ୍ର (ଗବେଷିକା)



୧. ବହୁ ଦିନର ସ୍ୱପ୍ନକୁ ସାକାର କରି କେତେକ ଖୁସିରେ ଆତ୍ମବିଭୋର ହେଉଥିବେଳେ ଆଉ କେତେକ ଭାଷାକୁ ନେଇ ବ୍ୟବସାୟ ଆରମ୍ଭ କରିବା ଆମପାଇଁ ନିଶ୍ଚୟ ଭାବରେ ଏକ ଚିନ୍ତାର ବିଷୟ । ଫେବୃଆରୀ ୨୦ ତାରିଖର ମହାପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ଘେନି ପୁରୀରୁ ଯାତ୍ରା ଆରମ୍ଭ କରିଥିବା ସର୍ଜନା-୨୦୧୫ (କଳା ସାହିତ୍ୟର ମହୋତ୍ସବ) ତଥା ଏୟାର୍‌ଟେଲ ଟେଲିକମ୍ ସଂସ୍ଥାର ଅଭିନବ ପ୍ରୟାସକୁ ଆମ ବୁଦ୍ଧିଜୀବିଏ କେମିତି ସାକାର କଲେ ଚାଲନ୍ତୁ ଏକ ନଜର ଦେବା...

ଆସନ୍ତା ମାର୍ଚ୍ଚ - ୧୩, ୧୪, ୧୫ ତିନିଦିନ ଧରି ଏହି ସର୍ଜନା-୨୦୧୫ ମହୋତ୍ସବର ଆନୁଷ୍ଠାନିକ କାର୍ଯ୍ୟକ୍ରମ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମର ହର୍ତ୍ତାକର୍ତ୍ତା ବିଧାତା କିଏ ସେ କଥା ମୋତେ ଜଣାନାହିଁ । କିନ୍ତୁ ନିମନ୍ତ୍ରଣ ପତ୍ରଟି ସମ୍ପୂର୍ଣ୍ଣ ଇଂରାଜୀରେ ମୁଦ୍ରିତ କରାଯାଇଛି । ଏହା ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଆଘାତ ଦେଉନାହିଁ କି ? ଲଫାଫା ଭିତରେ ସର୍ବମୋଟ ଛଅଖଣ୍ଡ ଆଭିଜାତ୍ୟ ସମ୍ପର୍ନ୍ନ କାର୍ଡ଼ । ପ୍ରଥମ ଖଣ୍ଡରେ ୧୭ ଗୋଟି ବ୍ୟବସାୟିକ ସଂସ୍ଥାର ଲୋଗୋ ତଥା ବିଜ୍ଞାପନ, ତଳ ପାଞ୍ଚ ଖଣ୍ଡରେ ମୁଦ୍ରିକ ସାହିତ୍ୟ ରଥିଙ୍କ ନାମକୁ ଅଦୃଶ କରି ପକାଉଛି । ଆମେ ଜାଣିଛେ, କେନ୍ଦ୍ର ସାହିତ୍ୟ ଏକାଦମୀର କାର୍ଡ଼ ମଧ୍ୟ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖାଯାଏ । କେବଳ ଓଡ଼ିଆ ଭାଷା ସାହିତ୍ୟର ଗବେଷିକା ହିସାବରେ, ଉତ୍ତର ଦାୟାଦ ହିସାବରେ ନିଜ ପ୍ରତିକ୍ରିୟାକୁ ଆପଣ ମାନଙ୍କ ଦୃଷ୍ଟି ଆକର୍ଷଣ କରାଇବି । ଏ ରକମ ଦୃଷ୍ଟାନ୍ତ କେତେଦୂର ଯୁକ୍ତିଯୁକ୍ତ, ତାହା ବିଦ୍ୱାନମଣ୍ଡଳୀ ତର୍ଜମା କରିବା ହେବେ ।

ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଓଡ଼ିଶାର ଏକ ଗୌରବମୟ ପୁରାତନ ଅନୁଷ୍ଠାନ । ଜ୍ଞାନର ମନ୍ଦିର । ଏଠାରେ ଶିକ୍ଷା ଗ୍ରହଣ କରି ଅନେକ ବିଦ୍ୱାନ, ସାହିତ୍ୟିକଙ୍କର ଆବିର୍ଭାବ ହୋଇଛି । ସେହି ମାଟିରେ ଏତେ ପୁରାତନ ଏବଂ ଗୋଟିଏ ଶାସ୍ତ୍ରୀୟତା ପ୍ରାପ୍ତ ଭାଷାର ଦୁରାଗ୍ରହ ଘଟିବା ପ୍ରତ୍ୟେକ ଓଡ଼ିଆଙ୍କ ନିମିତ୍ତ ଲଜ୍ଜାର ବିଷୟ । ନିଜ ଅନୁଷ୍ଠାନର ନାମର ପ୍ରସାର ନିମନ୍ତେ ସମାନ ଅର୍ଥର ଲୋଲୁପତା ତାଙ୍କ ବିବେକକୁ ଧ୍ୱଂସ କରେ ।

'ଓଡ଼ିଆଙ୍କ ଆତ୍ମଘାତୀ ପଦକ୍ଷେପ' ନାମରେ ପ୍ରଗ୍ରହ ପତ୍ରର ବଣ୍ଟନ ସୁଦୂର ଶାନ୍ତି ନିକେତନରୁ (ନିଜସ୍ୱ ଖର୍ଚ୍ଚରେ) ଆସି ଆମେମାନେ ସଚେତନତା ସୃଷ୍ଟିକଲାବେଳେ, ଓଡ଼ିଶାରେ ରହି କିଛି, 'ସାଂସ୍କୃତିକ ଦଲାଲ୍' ଐତିହ୍ୟ ସଂପର୍ନ୍ନ ମଞ୍ଚରେ ଏଭଳି କାର୍ଯ୍ୟ କରିବାର ଦୁଃସାହାସ କଲେ କିପରି ? ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏହାକୁ ଅନୁମୋଦନ କଲେ କିପରି ? ମୋର ଓଡ଼ିଶା ସରକାର ତଥା ଜନସାଧାରଣଙ୍କୁ ବିନମ୍ର ଅନୁରୋଧ, ସର୍ବଭାରତୀୟ ସ୍ତରରେ ଏହି ସାହିତ୍ୟ ସମ୍ମିଳନୀରେ ଆମ ପରମ୍ପରା ତଥା ଉଦ୍ୟମକୁ ପଦଦଳନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହି କାର୍ଯ୍ୟକ୍ରମକୁ ପ୍ରତିରୋଧ ପୂର୍ବକ ବର୍ଜନ କରାଯାଉ ।

୨. କିଛି ଦିନ ହେବ ପ୍ରଶାସନ ଏକ ସତର୍କ ଘଣ୍ଟି ଶୁଣାଇଛନ୍ତି । ମାନେ ଶାସ୍ତ୍ରୀୟ ମାନ୍ୟତା ପାଇବାର ବର୍ଷେ ପୂର୍ତ୍ତି । ସଂଧ୍ୟା ରତି ରତି ଝରକା ସେପଟି ନିମନ୍ତ୍ରଣ ପତ୍ରଟିଏ ବଢ଼େଇଦେଲେ ଜଣେ ମଣିଷ । କାର୍ଡ଼ଟି ପଢୁ ପଢୁ ବିହେ ହସିଲେ ମହାଶୟ... ମୁଁ ଟିକେ ଉତ୍କଣ୍ଠିତ ଭଙ୍ଗୀରେ କାର୍ଡକୁ ଲକ୍ଷ୍ୟକଲି, କିନ୍ତୁ ପାରିଲିନି । ଦୁଇ ସେକେଣ୍ଡ ପରେ କଥାକାର ଶାନ୍ତନୁ ଆଚାର୍ଯ୍ୟ ସେଇଟିକୁ ମୋ ଆଡ଼କୁ ବଢାଇଦେଇ ନିଜସ୍ୱ ପ୍ରତିକ୍ରିୟା ପ୍ରଦାନକଲେ । କହିଲେ ପିଲାମାନେ ଭାଷା କିପରି ବଞ୍ଚେ ? ସୋମନାଥ ଭାଇ କହିଲା ଲୋକ ସମାଜ ଯୋଗୁଁ, କିଏ କହିଲା ସାହିତ୍ୟ ଯୋଗୁଁ ଏମିତି କେତେ କଣ । ସାର୍ କହିଲେ, ଏଥିରେ ତ ମନ୍ତ୍ରୀଙ୍କଠୁ ସାହିତ୍ୟ ଏକାଡେମୀର ପିଅନ୍ ପର୍ଯ୍ୟନ୍ତ ନାମ ରହିଛି । ଛଳରେ ଆମେ କହିଲୁ, ସାର୍ ଗଗନେନ୍ଦ୍ର ନାଥ ଦାଶଙ୍କ ନାମଟା... କଥା ଛଡ଼ାଇ ସାର୍ କହିଲେ, ହଁ ସେଇ ଗୋଟିଏ ନାମ ତ... !

ପ୍ରକୃତରେ ସାହିତ୍ୟ ବଞ୍ଚେ ଲୋକ ଭାଷା ଯୋଗୁଁ । ଭାଷା ମଧ୍ୟ ବଞ୍ଚେ ସାହିତ୍ୟ ଯୋଗୁଁ । ଗଙ୍ଗାଧର

ମେହେର କୋଶଳୀ ନ ଲେଖି ଓଡ଼ିଆରେ ଲେଖିଲେ । ତେଣୁ କୋଶଳୀ ଭାଷାର ଯେହେତୁ ସାହିତ୍ୟ ନାହିଁ ତାହା ମାନ୍ୟତା ପ୍ରାପ୍ତ ହୋଇନି । ଓଡ଼ିଶା, ଝାଡ଼ଖଣ୍ଡ ଆଦି ରାଜ୍ୟର ବହୁ ଆଦିବାସୀଭାଷାକୁ ନେଇ ଏପର୍ଯ୍ୟନ୍ତ ଗବେଷଣା ବା ସୃଜନାତ୍ମକ ରଚନା ସୃଷ୍ଟି କରାଯାଇପାରିନାହିଁ, ତେଣୁ ପ୍ରତ୍ୟେକ ଦିନ ଶହ ଶହ ଭାଷାର ଅବଲୁପ୍ତି ଘଟିବା କିଛି ଅସମ୍ଭବ ନୁହେଁ । ଏ ତ ଗଲା ଜଣେ ସଚ୍ଚୋଟ ସାହିତ୍ୟିକର ପ୍ରତିକ୍ରିୟା, ଏବେ ଚାଲନ୍ତୁ ପରିଖିବା ସାହିତ୍ୟ ପଢୁଥିବା ଛାତ୍ରଙ୍କ ଦୁର୍ଦ୍ଦଶା ।

ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଗବେଷଣା କାର୍ଯ୍ୟ ଲାଗି ପାଞ୍ଚବର୍ଷ କାଳ ଅବସ୍ଥାନ କରିବା ଭିତରେ ସେଠାକାର ଭାଷାପ୍ରୀତିମୂଳକ କାର୍ଯ୍ୟକୁ ଅସ୍ୱୀକାର କରାଯାଇନପାରେ । ସେଠି ପ୍ରତିବର୍ଷ ଗଣଶିକ୍ଷକ ପରୀକ୍ଷା କରାଯାଇ ଖାଲି ପଦବୀ ପୂରଣ କରାଯାଇଥାଏ । ବଙ୍ଗଳା ଭାଷାରେ ପ୍ରକାଶିତ ପତ୍ରପତ୍ରିକା ସମସ୍ତଙ୍କର ପ୍ରିୟ । ଏପରିକି ସାଧାରଣ ଗୃହିଣୀ ଖଣ୍ଡିଏ ସାହିତ୍ୟ ପତ୍ରିକା ଧରି ବସି ବା ଟ୍ରେନରେ ଯାତ୍ରା କରନ୍ତୁ, କିଛି ନ ହେଲେ କବିତା, ଗପ ଅବା ଉପନ୍ୟାସ ଖଣ୍ଡିଏ ପାଖରେ ଥାଏ । ବଙ୍ଗଳା ଭାଷାରେ ସିଟି, ବିଏଡ୍, ଟ୍ରେନିଂ ର ଅପୁରନ୍ତ ସୁଯୋଗମାନ ରହିଛି । ଏ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଏତେଟା ଶୋଚନୀୟ ନୁହେଁ । କାରଣ ନିଯୁକ୍ତି ଦ୍ୱାରା ଖାଲି ପଦବୀ ପୂରଣ ଖୁବ୍ ଯତ୍ନ ସହକାରେ କରାଯାଏ । ସୁନ୍ଦରୀ ଝିଅମାନେ ପ୍ରେମବିବାହ ବିଶେଷତଃ ଶିକ୍ଷକ ଶ୍ରେଣୀୟ କର୍ମଚାରୀଙ୍କୁ ପ୍ରଥମ ପସନ୍ଦ କରିଥାନ୍ତି । ନିଜର ଲକ୍ଷ୍ୟମଧ୍ଧ ସେଇ ଶିକ୍ଷକତା ।

ଏବେ ଆମ ଭାଷା-ସାହିତ୍ୟ କଥା ଚିନ୍ତା କରାଯାଉ । ଆମ ରାଜ୍ୟରେ ଗଣିତ, ବିଜ୍ଞାନ ଶିକ୍ଷକ ସାହିତ୍ୟ ପଢ଼ାଇ କାମ ଚଳାନ୍ତି । ଓଡ଼ିଆ ଭାଷା ସାହିତ୍ୟର ସମ୍ମାନର ଛାତ୍ରଛାତ୍ରୀଙ୍କ ନିମିତ୍ତ ସିଟି, ବିଏଡ୍ ସଂରକ୍ଷଣ ବ୍ୟବସ୍ଥା ନାହିଁ । ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ଅବତୀର୍ଣ୍ଣ ଲାଗି ସୁଯୋଗର ଅଭାବ, ପୁସ୍ତକର ଅଭାବ ତଥା ସର୍ବୋପରି ସ୍କୁଲ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୂନ୍ୟପଦ ଆମ ଭାଷାକୁ ସଂକୁଚିତ କରୁନାହିଁ କି ? ଓଏଏସ୍, ଓପିଏସସି, ପରି ପରୀକ୍ଷାମାନ ୫/୧୦ ବର୍ଷ ଧରି ବିବାଦର ଘେରରେ ରହିବା ଆମ ଅଜ୍ଞତାକୁ ସୂଚାଉ ନାହିଁ କି ? ପ୍ରଶାସନର ଶିକ୍ଷା ବିଭାଗପ୍ରତି ଏମିତି ଘୋର ଅବହେଳାକୁ କେତେଦିନ ଗ୍ରହଣ କରିବେ ନିରବରେ ? ଦୁଇ ଚାରିବର୍ଷରେ ଯେଉଁ ପଦ


ବାହାରୁଛି, ତାହା ବି ସଲାସୁତୁରରେ । କିଏ ନିଜ ପୁଅକୁ ପୁରେଇଲାଣି ତ କିଏ ନିଜ ସ୍କଲାରକୁ । ତୋଷାମଦିଆ ପଣ ଭିତରେ ଆବଦ୍ଧ ଆମ ମାତୃଭାଷା । ବିଚାରି ନିରୋଳା ସାହିତ୍ୟ ଛାତ୍ରଟିଏ ସୁଯୋଗ ପାଇବ କିପରି ?

୩. ଲେଖକ - ପ୍ରକାଶକ - ସଂପାଦକ - ପାଠକଙ୍କ ଯୋଗସୂତ୍ର ଆହୁରି ବିଚ୍ଛିନ୍ନ । ସଂରକ୍ଷଣର ଦ୍ୱାହିଦେଇ ବଳିପଡୁଛି ମଧ୍ୟବିତ୍ତ । ପୂର୍ବରୁ ଟଙ୍କିକିଆ ଗୃଉଳ ଦେଇ ଆମ ମଣିଷଙ୍କୁ କର୍ମକୋଢ଼ିଆ କରିଥିବା ସରକାର ପୁନଶ୍ଚ ପାଞ୍ଚଟଙ୍କାରେ ଡାଲମାଭାତ ବ୍ୟବସ୍ଥା କରି ଭୋଟ କିଣିବାକୁ ଯାଉଛନ୍ତି । ଏ ସବୁ ପଦକ୍ଷେପର ସୁଫଳ ସତରେ କଣ ନିମ୍ନମଧ୍ୟବିତ୍ତ ପାଇଛନ୍ତି ?

କୁଢ଼ କୁଢ଼ ପାଣ୍ଡୁଲିପି ଅପ୍ରକାଶିତ ହୋଇ ପଡ଼ିରହିଛି । ପ୍ରକାଶକ ପର୍ଯ୍ୟନ୍ତ ପହଞ୍ଚୁନି । ପ୍ରକାଶକର ଅର୍ଥଗତ ତାଗିଦ ତାକୁ ବିବ୍ରତ କରୁଛି । ଅନେକ ପ୍ରକାଶକ ମଧ୍ୟ ଅର୍ଥ ଲୋଭରେ ସୁନ୍ଦର ମଲାଟ ଭିତରେ ବିକଳାଙ୍ଗ ସାହିତ୍ୟ ପୁରେଇ ବିକ୍ରୀ କରୁଛନ୍ତି । ବାକି ଯେଉଁ କେତେଜଣ ପ୍ରକାଶକ ଲେଖାକୁ ଗୁରୁତ୍ୱ ଦେଉଛନ୍ତି ସେମାନେ ବି ଲେଖକ ହାତରୁ ପଇସା ଖର୍ଚ୍ଚ କରାଇ ସେ ସବୁ କରୁଛନ୍ତି । ବର୍ଷକୁ ୨/୩ ପୁସ୍ତକ ମେଳା ଛଡ଼ା ବିକ୍ରୀବିଟା ବିଶେଷ ନାହିଁ । ଆଜିର ଦିନରେ ଶହେରୁ ଉର୍ଦ୍ଧ୍ୱ ପତ୍ରିକା ପ୍ରକାଶ ପାଉଛନ୍ତି । ନିରୁତା ଗୋଟିଏ ସାହିତ୍ୟ ପତ୍ରିକା କଥା କୁହନ୍ତି ତ... ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସାହିତ୍ୟରେ ଗବେଷଣା କରୁଥିବା ଗବେଷକଙ୍କ ନିମିତ୍ତ ଗବେଷଣା ପତ୍ରିକାର ଅଭାବ । ଯାହା ଗୋଟିଏ ଦୁଇଟି ବାହାରୁଥିବା ତାହା ଏବେ ଅତୀତ ବା ଅଚଳପ୍ରାୟ । ଚିଠି ପତ୍ରର ପରମ୍ପରା ଦ୍ୱାରା ଲେଖକ - ପାଠକର ଯେଉଁ ଆତ୍ମିକ ସମ୍ବନ୍ଧ ସ୍ଥାପିତ ହେଉଥିଲା ତାହା ଇଣ୍ଟରନେଟ୍ ଆସିବାପରେ ବନ୍ଦପ୍ରାୟ । ଅନେକ ଡାକଘରେ ପୋଷ୍ଟକାର୍ଡ଼ ବିରଳ ହେଲାଣି । କବିଗୁରୁ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନ ଡାକଘରେ ମଧ୍ୟ ଅନୁରୂପ ଅବସ୍ଥା । ଯେଉଁଠୁ ଭାବ ପ୍ରେରିତ ହେଉଥିବା ସୁଦୂର ଜାପାନ, ଜର୍ମାନୀ, ଇଂଲଣ୍ଡ, ଫ୍ରାନସ୍, ସେଠି ମଧ୍ୟ ଏହି ଅବସ୍ଥା । ଶେଷରେ ଏତିକି କୁହା ଯାଇପାରେ ଯେ, ସାହିତ୍ୟ ମଞ୍ଚରେ ସାହିତ୍ୟିକ ଶୋଭାପାଆନ୍ତି । ଅଣସାହିତ୍ୟିକ ନୁହେଁ । ନଚେତ୍ ସାହିତ୍ୟର ଦଶା କୁଆଡ଼େ ??? ବିଶ୍ୱଭାରତୀ, ଶାନ୍ତିନିକେତନ

# ଅତୃପ୍ତ

ହତେଶ୍ ମହାପାତ୍ର



ମୁଁ ବେଳେ ବେଳେ ଜୀବନର ତତ୍ତ୍ୱକୁ ଖୋଜେ

ଶାନ୍ତରେ ବଞ୍ଚିବାର ସମସ୍ତଙ୍କ ଇଚ୍ଛା

କନ୍ତୁ ଚେଷ୍ଟା କରନ୍ତ କେତେ ଜଣ ତାହା ମୁଁ ଭାବେ

ମୁଁ ଥିଲି ଈର୍ଷ୍ୟାଶୂନ୍ୟ, ଅହଂକାର ଶୂନ୍ୟ, କାମନା ଶୂନ୍ୟ

ଯେତେ ବଡ଼ ହେଲି, ଏ ସବୁର ଉପସ୍ଥିତ ଅନୁଭବ କଲି

ବୟସ ବଢ଼ିବା ସହ, ଏମାନଙ୍କର ପ୍ରଭାବ ମଧ୍ୟ ବଢ଼ିଛି

ଏବଂ, ବଢ଼ିଛି ତା ସହ ଅସ୍ଥିରତା, ଚଞ୍ଚଳତା ଏବଂ ଅଶାନ୍ତ

ମୁଁ, ଏହା କହପାରେ ମୋତେ ସୁଖ ମିଳଛି

କନ୍ତୁ ଶାନ୍ତର ସନ୍ଧାନରେ ଏବେ ବ ମୁଁ ଅଛ

ମୋତେ ସଫଳତା, ମିଳଛି

କନ୍ତୁ ଏବେ ବ ମୋ ମନ ଅତୃପ୍ତ ରହଛି...

# ପରିବାମିଶା ଚକୁଳିପିଠା

ପଦ୍ମିନୀ ପ୍ରିୟଦର୍ଶିନୀ ମିଶ୍ର



ଆବଶ୍ୟକ ସାମଗ୍ରୀ :

୧୦୦ ଗ୍ରାମ ଚାଉଳ, ୫୦ ଗ୍ରାମ ବେସନ, ୫୦ ଗ୍ରାମ ସୁଜି, ଗୋଟିଏ ଟମାଟ, ୧ ଇଞ୍ଚ ଅଦା, ଦୁଇଟା କଞ୍ଚାଲଙ୍କା, ଗୋଟିଏ ବଡ଼ ପିଆଜ, ୧ ଚାମଚ ରାଶି, ୧/୪ ଚାମଚ ଜୀରା, ଗୋଟିଏ ଗ୍ରେଟ କ୍ୟାପସିକମ୍ , ୫୦ ଗ୍ରାମ ବନ୍ଧାକୋବି, ଗୋଟିଏ ସାନ ଆଳୁ, ଗୋଟିଏ ସାନ ଗାଜର, ଦୁଇଟି ବିନ୍ସ୍, ୨୫ ଗ୍ରାମ ମଟର, ୫୦ ଗ୍ରାମ ଫୁଲକୋବି, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ



ପ୍ରଣାଳୀ :

ପ୍ରଥମେ ଚାଉଳକୁ ଗୋଟିଏ ରାତି ବତୁରାଇ ରଖି ଦିଅନ୍ତୁ । ତାପରେ ସକାଳେ ଏହାକୁ ଚକଣାକରି ବାଟି ଏକ ଘଣ୍ଟା ପର୍ଯ୍ୟନ୍ତ ରଖିଦିଅନ୍ତୁ । ଟମାଟ, କଞ୍ଚାଲଙ୍କା, ପିଆଜ, ଅଦା, ବନ୍ଧାକୋବି, ଫୁଲକୋବି, ଆଳୁ, ବିନ୍ସ୍ ଓ କ୍ୟାପସିକମକୁ ଛୋଟ ଛୋଟ କରି କାଟି ଦିଅନ୍ତୁ ଏବଂ ଗାଜରକୁ କୋରି କରି ରଖିଦିଅନ୍ତୁ । ପୂର୍ବରୁ ରଖାଯାଇଥିବା ଆଣରେ ବେସନ ସୁଜି ଓ ସମସ୍ତ କଟା ପରିବାକୁ ମିଶେଇ ଅଧଘଣ୍ଟା ପର୍ଯ୍ୟନ୍ତ ରଖିଦିଅନ୍ତୁ । ତାପରେ ସେଥିରେ ଜୀରା ଓ ଲୁଣିକୁ ମିଶାନ୍ତୁ । ଏଥିରେ ଆପଣ ଭୃସଙ୍ଗପତ୍ର ନହେଲେ ଧନିଆ ପତ୍ର ମଧ୍ୟ ମିଶେଇ ପାରିବେ । ତାପରେ ଚୁଲିରେ ତାୱା ବସାଇ ସେଥିରେ ଅଧ ଚାମଚ ତେଲ ପକେଇ ଦିଅନ୍ତୁ, ଏବଂ ଲୁହା ଖଡ଼ିକାରେ ତାୱାରେ ତେଲକୁ ପୂରା ଲଗେଇ ଦିଅନ୍ତୁ । ତାୱା ତାତି ଯିବାପରେ ଆଗରୁ ପ୍ରସ୍ତୁତ ହୋଇଥିବା ଆଣକୁ ଗୋଲ ଗୋଲକରି ଚକୁଳି ପିଠାପରି ପକାନ୍ତୁ ଏବଂ ତା ଉପରେ ଏକ ଢାଙ୍କୁଣୀ ଘୋଡ଼େଇ ଦିଅନ୍ତୁ । କିଛି ସମୟ ପାଇଁ ଚୁଲିର ଧାସକୁ କମ୍ କରି ଦିଅନ୍ତୁ । କିଛି ସମୟପରେ ଚକୁଳିକୁ ଓଲଟାଇ ଦିଅନ୍ତୁ । କିଛି ତେଲ ପକାଇ ୨-୩ ମିନିଟ୍ ପାଇଁ ରଖନ୍ତୁ । ଆପଣଙ୍କ ପରିବା ମିଶା ଚକୁଳି ପିଠା ତିଆରି ହୋଇଗଲା । ଏହି ଚକୁଳି ସହିତ ଟମାଟ ସସ୍, କମ୍ବା ଚଟଣୀ ଖାଇଲେ ଭଲ ଲାଗେ ଏବଂ ଏହାକୁ ଗରମ୍ ଗରମ୍ ଖାଇବାକୁ ଭଲ ଲାଗେ ।

ଉପରେ ଦିଆଯାଇଥିବା ସାମଗ୍ରୀ ମଧ୍ୟରୁ ଅନେକ ଆମ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ।

ବେସନ - ଏହା ଆମ କେଶ ଏବଂ ତ୍ୱଚା ପାଇଁ ଅତ୍ୟନ୍ତ ଆବଶ୍ୟକ । ମୁଣ୍ଡରେ ରୁପିହେଲେ ବେସନ ଓ ଦହିକୁ ମିଶାଇ ଦଶ ମିନିଟ୍ ରଖିଦେବେ, ତା ପରେ ତାକୁ ଭଲଭାବରେ ଘଣ୍ଟି ମୁଣ୍ଡରେ ଲଗାଇ ୩୦-୪୫ ମିନିଟ୍ ପର୍ଯ୍ୟନ୍ତ ମୁଣ୍ଡରେ ରଖିବେ । ତାପରେ ତାକୁ ଭଲରେ ଧୋଇଦେବେ । ଏହା ସପ୍ତାହକୁ ଥରେ ଲେଖାଏ କଲେ ରୁପି ହୁଏ ନାହିଁ । ସେହିପରି ମୁହଁର ଉଜ୍ଜ୍ୱଳତା ପାଇଁ, ବେସନ ସହିତ ଦହି ଓ ହଳଦୀ ମିଶାଇ ମୁହଁରେ ଲଗାଇବେ, ଏବଂ ଦଶରୁ ପନ୍ଦର ମିନିଟ୍ ପରେ ଏହାକୁ ଧୋଇଦେବେ । ଦେଖିବେ ମୁହଁ ଚକ୍କଣ ଲାଗିବ ଏବଂ ଏହି ମିଶ୍ରଣକୁ ହାତ, ବେକ ଏବଂ ଗୋଡ଼ରେ ବି ଲଗାଇପାରିବେ ।

ଟମାଟ - ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ଥିବା ହେତୁ ଏହା ଆମପାଇଁ ଦରକାରୀ ।

ଏହା ଆମ ରକ୍ତ ପରିଷ୍କାର କରେ । ମୁହଁରେ ଥିବା କଳାଦାଗ ହଟେଇବାରେ ବି ସାହାଯ୍ୟ କରେ । ମୁହଁରେ ଅତ୍ୟଧିକ ମୃତଗ୍ରନ୍ଥୀ (ବ୍ଲାକ୍ ହେଡ୍) ଥିଲେ ଏହାଓ ବ୍ୟବହାର କଲେ ସୁଫଳ ମିଳେ । ଏହାର ରସକୁ ପ୍ରତିଦିନ ମୁହଁରେ ଓ ଆଖି ତଳର କଳାଦାଗରେ ଲଗାଇଲେ ଚମକ ଆସେ । ଏହାର ରସକୁ ହଳଦୀ ଓ ବେସନ ମିଶାଇ ଦେହରେ ଲଗାଇଲେ ଅତ୍ୟାଧିକ ତେଲିଆ ଲାଗେ ନାହିଁ । ଖରାଦିନେ ବାହାରକୁ ଯାଇ ଆସିବା ପରେ ଟମାଟ ରସ ସହ ଗୋଲାପଜଳ ମିଶାଇ ଦେହରେ ଲଗାଇଲେ ଦୁର୍ଗନ୍ଧ ହୁଏନାହିଁ ।

ଜୀରା - ଏହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । ପ୍ରତିଦିନ ରାତିରେ ଶୋଇଲା ବେଳେ ଗରମପାଣି ସହ କଞ୍ଚାଜୀରା ଖାଇଲେ ଅମ୍ଳ ରୋଗ ହୁଏନାହିଁ । ସେହିପରି ଜୀରାକୁ ପାଣିରେ ଫୁଟାଇ ପିଇଲେ ଥଣ୍ଡା କିମ୍ବା କଫ ହୁଏ ନାହିଁ । ଜୀରାକୁ ଚୋବାଇ ଖାଇଲେ ପାଟିରୁ ଦୁର୍ଗନ୍ଧ ହୁଏ ନାହିଁ ।

ଅଦା - ଏହା ଆମର ଦେହରେ ରୋଗପ୍ରତିଷେଧକ ଶକ୍ତି ବର୍ଦ୍ଧକ । ଜୀବାଣୁ ମାନଙ୍କୁ ମାରିଦିଏ । ପ୍ରତିଦିନ ଅଦା ଖାଇଲେ ଥଣ୍ଡା ଓ କଫ୍ ହୁଏନାହିଁ । ଅଦାକୁ ଗରମ ଗୁଆଘିଅ, ବିଟ୍ ଲୁଣ ଓ ଗରମପାଣି ସହ ଖାଇଲେ ଖାଦ୍ୟ ଶୀଘ୍ର ହଜମ ହେବା ସହ କଫ ବାହାରିପଡ଼େ । ପାଟିର ଦୁର୍ଗନ୍ଧ ବନ୍ଦ କରିଏ । ପେଟ କଟାରୁ ମୁକ୍ତି ଦିଏ ।

ଗାଜର - ଏହା ଶରୀରର କଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଲୌହ ଓ କ୍ୟାଲସିୟମ ପ୍ରଚୁର ପରିମାଣରେ ଥାଏ । ଏହାର ରସକୁ ମୁହଁରେ ଲଗାଇଲେ ଉଜ୍ଜ୍ୱଳ ଦେଖାଯାଏ । ଏହା ରକ୍ତ ପରିଷ୍କାର କରେ ।

ବନ୍ଧାକୋବି, ଫୁଲକୋବି, ମଟର୍, ବିନସ୍, କ୍ୟାପସିକମ୍, ଆଳୁ - ଏଥିରେ ଲବଣ ଅଂଶ ଏବଂ ଧାତବ ଅଂଶ ଥିବା ହେତୁ ଏହି ସବୁ ପରିବା ଆମପାଇଁ ଦରକାରୀ । ଏଥିରେ ଲୌହ ପରିମାଣ ଅଧିକ ଥିବାରୁ ଏହା ଆମ ଶରୀରରେ ରକ୍ତର ମାତ୍ରା ବଢ଼ାଇବାରେ ସହାୟକ ହୁଏ ।

କଞ୍ଚାଲଙ୍କା - ଏହା ଶରୀରର ଚର୍ବି ନିୟନ୍ତ୍ରଣ କରିଥାଏ । ଏବଂ ଅମ୍ଳରୋଗ କରିଏ ନାହିଁ ।ପିଆଜ - ଏହା ରକ୍ତ ପରିଷ୍କାର କରିବା ସହ କେଶରେ ରୁପିକୁ ମଧ ନିୟନ୍ତ୍ରଣ କରେ ।

ବ୍ରହ୍ମପୁର

# ଗ୍ୱଳଶି ଟଙ୍କାର ନଦ

ମଧୁମିତା ମହାନ୍ତ(ମିତୁ)



ଗ୍ୱକରୀ ନେଇ ଅନ୍ୟ ଅନେକଙ୍କ ପର ମୁଁ ଏତେ ବ୍ୟସ୍ତ ଯେ ଗାଁକୁ ଯିବାର ସୁଯୋଗ ମୋ ଭଗ୍ୟରେ ଅତ କମ୍ ମିଳେ । କନ୍ତୁ ଅନ୍ୟ ଅନେକଙ୍କ ସ୍ତ୍ରୀ ଝିଅଙ୍କଠୁ ମୋ ସ୍ତ୍ରୀ ଝିଅ ପୁର୍ ଅଲଗା, ଏକଦମ୍ ଓଲଟା କହଲେ ଚଳେ । ଗାଁକୁ ଯିବାପାଇଁ ସେମାନେ ସବୁବେଳେ ସକସକ । ମୋ ସ୍ତ୍ରୀ ସ୍ନେହା ଯଦଓ କବତା ଫବତା ଲେଖନ୍ତନ, କନ୍ତୁ ସେ ସବୁ ଖୁବ୍ ପଢ଼ନ୍ତ ଓ ବୁଝନ୍ତ । ସେଇ କବତା ପ୍ରବଣତା ବୋଧହୁଏ ତାଙ୍କୁ ଗାଁରୁ ମିଳଥାଏ । ଆମ ଗାଁ ନଇପଠାର କାଶତଣ୍ଡୀ ତାଙ୍କୁ କୁଆଡ଼େ ଡାକୁଥାଏ ଅନବରତ । ସେଥିପାଇଁ ସେ ସୁଯୋଗ ଖୋଜନ୍ତ ଟିକେ ସେଠିକ ଯିବାକୁ । ମୋ ଆଇଁଷରଙ୍କୁଣୀ ଟକଳ ଝିଅର ଲେ୍ଭ ଗାଁ ପୋଖରୀର ମାଛ, ହାଟର ଖାଣ୍ଟି ସଜ ଖାସିମାଂସ ଆଉ ଦେଶୀ କୁକୁଡ଼ା ଅଣ୍ଡାରେ । ଯେତେ ନାମକର୍ କମ୍ପାନୀର ଆଗ୍ୱର ବୋତଲ ସବୁ ତା ମା ତା ପାଇଁ କଚେନରେ ସାଇତ ରଖିଛ । ତଥାପି ତା'ର ଲ୍ଳ ଗଡ଼େ ମୋ ବୋଉ ହାତ ତଆର ଲେମ୍ବୁ ଆଗ୍ୱର ଆଉ ଆମ୍ବ ଆଗ୍ୱର ନାଁ ଶୁଣିଲେ । ସୁବଧା ପାଇଲେ ବୋଉ ସେ ସବୁ କାହା ହାତରେ ପଠାଇଥାଏ । ହେଲେ ସବୁବେଳେ କ ସବୁବର୍ଷ ସହରଠାରୁ କୋଡ଼ିଏ କଲେ୍ମିଟର୍ ଦୂର ଆମ ଅଖ୍ୟାତ ଗାଁରୁ ଏ ମହାନଗରୀ ପର୍ଯ୍ୟନ୍ତ ଆଗ୍ୱର ପହଞ୍ଚାଇବାଟା ସମ୍ଭବ ହୁଏନ ।

ଖାସ୍ ସେଇଥିପାଇଁ ଭେଟର ହସାବରେ ମୋ ନାଁ ଏ ପର୍ଯ୍ୟନ୍ତ ଗାଁରେ ହିଁ ଅଛ । ମୁଁ ଜାଣିଜାଣି ସେଇଟା ବଦଳେଇନ । ସବୁପ୍ରକାର ଚେଷ୍ଟା କରେ ପାଞ୍ଚବର୍ଷରେ ଥରେ ପଛେ ହେଉ ସେଇଦନ ପାଇଁ ସେଇ ଆଳରେ ମୁଁ ଗାଁକୁ ଯିବ । ଏଥର ମାସରେ ଦ୍ୱତୀୟ ଶନବାର, ରବବାର, ମହାଳୟା, ଗାନ୍ଧୀ ଜୟନ୍ତୀ, ନର୍ବାଚନ ମିଶି ବେଶ୍ ଲମ୍ବା ଛୁଟିଟେ ମିଳଯାଉଥିଲ୍ । ଆଉ ଅଳ୍ପ କଛ ଦନ ଛୁଟି ସେଇଥିରେ

ମିଶେଇ ଆମେ ଗାଁକୁ ବାହାରିଲୁ ।

ପହଞ୍ଚି ପହଞ୍ଚି ସ୍ନେହା ଶାଢ଼ୀ ବଦଳେଇ ଧୁଆଧୋଇ ହୋଇ ବୋହୁ ହେବାପାଇଁ ଗେଷ୍ଟେଇଘରେ ପହଞ୍ଚିଲେ । ଲଡ଼ଲୀ ଧରିଲା ତା ଜେଜେଙ୍କ ହାତ, ଜେଜେଙ୍କ ଲାଇବ୍ରେରୀରେ କଣ କଣ ନୂଆ ବହି ସବୁ ଆସିଛି ତା'ର ସନ୍ଧାନ ନେବାପାଇଁ । ମୁଁ ବୋଉ ହାତ ତିଆରି କଖାରୁ ଫୁଲ ବରା, ପାଳଛତୁ ପତୁଆ ସାଙ୍ଗରେ ମୁଢ଼ି ଗଣ୍ଡାଏ ଧରି ଖାଇ ବସିଲି । ଖାଉ ଖାଉ କହିଲି, 'ବୋଉଲୋ, ଆମ ଗାଁ ଟାଏ ଆଉ ଗାଁ ଭଳି ଲାଗୁନି । ପୁରା ସହର ହୋଇଗଲାଣି । ଏଠି ବି ତ ନିର୍ବାଚନ ପ୍ରଚାର ଖୁବ୍ ଜମୁଛି । ଷ୍ଟେସନରୁ ଏଠିକି ଆସିବା ଭିତରେ ଯାହା ଦେଖିଲି...' ।

- 'ହଁ ପରା, ସବୁବେଳେ ସବୁ ଦଳର ସେ ମାଇକ୍ ଘେଁ ଘେଁ ଶୁଣି ବିରକ୍ତ ଲାଗିଲାଣି ।' ବୋଉ ମୋ ଥାଳିଆରେ ଆଉ ଗୋଟେ ବରା ଦେଉ ଦେଉ କହିଲା । 'ତୁ ଖାଇଦେଇ ଯିବୁଟି ଟିକେ ବଡ଼ ଦାଦାଙ୍କ ସହି ଦେଖା କରି ଆସିବୁ । ଆଉ ତ ପାରୁନାହାନ୍ତି, ବସିଗଲେଣି । ସେଥିକୁ ପୁଣି ପୁଅବୋହୁ ହଲେ ତ ପାଇଛନ୍ତି ପୂର୍ଣ୍ୟକରି । ବପୁରା... ।' ସେ ଦୀର୍ଘଶ୍ୱାସ ପକାଇଲା । 'ତୁ ଆସିବୁ ଶୁଣି ପାଞ୍ଚଥର ପଚାରି ସାରିଲେଣି । ଯା, ଆଗେ ତାଙ୍କୁ ଦେଖାକରି ଆ... ।'

ଦାଦାଙ୍କୁ ଦେଖି ମୋତେ ସତରେ ଦୁଃଖ ଲାଗିଲା । ମଣିଷର ପୁଣି ଏମିତି ଅବସ୍ଥା ହୁଏ ? ତାଙ୍କରି ପାଖରେ ପଢ଼େଇବା ଲୋଭରେ ଆମ ବାପାମାନେ ଆମକୁ ସବୁ ଗାଁ ସ୍କୁଲରେ ନ ପଢ଼ାଇ ପ୍ରତିଦିନ ପାଞ୍ଚ କିଲୋମିଟର ଦୂର ଶୂଳପୁର ପଠାଉଥିଲେ । କାରଣ ସେ ସେଠିକା ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ । ଶିକ୍ଷକ ନୁହେଁ ତ ବାଘ କି ସିଂହ ସତେ ଅବା । ହୁଁ କରି ଗର୍ଜନ କଲେ ସବୁ ଥରି ଯାଉଥିଲେ । ଶୂଳପୁର ସମେତ ଆଖପାଖ ପାଞ୍ଚଖଣ୍ଡ ଗାଁ । ଇଂରାଜୀ, ଗଣିତର କୋଉ ଜଟିଳ ବିଦ୍ୟାଟା ତାଙ୍କ ଆୟତ୍ତରେ ନଥିଲା କେହି କହିପାରିବେନି । ସ୍କୁଲ ଦଶଟାରେ ଆରମ୍ଭ ହେବମାନେ ଦଶଟା । ଏକା ବେଳକେ ଗେଟ୍ ବନ୍ଦ । କେହି ଆଉ ପଶିପାରିବେନି ଭିତରେ- ନା ଶିକ୍ଷକ, ନା ଛାତ୍ର । ଯିଏ ବି ଟିକେ ଡେରିରେ ଆସୁଥିଲେ ସ୍କୁଲ କଣମୁଣ୍ଡ ଅଫିସ ଆଗରୁ ଧୋବ ଫରଫର ମୂର୍ତ୍ତିକୁ ଦେଖି ଫେରି ପଡୁଥିଲେ ସେଇଠୁ - ଗେଟ୍ ସେପାଖରୁ । ବାପରେ, ହେଉପଛେ ଦିନେ ଅନୁପସ୍ଥିତ ପରେ ସେ କଥା ବୁଝାଯିବ - ଏଇନା ଏ

ପ୍ରଶ୍ନବାଣକୁ ଭେଦ କରବ କଏ ? ତାଗିଦ ଶୁଣିବ କଏ ?

ଏଇ ସେଇ ମଣିଷ ? ପାଞ୍ଚହାତର ଗାମୁଛା ଭତରେ ଜୀର୍ଣ୍ଣଶୀର୍ଣ୍ଣ ଦାଦା । ଗଞ୍ଜି ନୁହେଁ ତ ମାଛଧରା ଜାଲଟେ କ ଆଉ ! ଗୋଡ଼ ଲମ୍ବାଇ କାନ୍ଥକୁ ଆଉଜ ବସିଥିଲେ ଘର ଭତରେ । ପାଖ ବେଲାଟାରେ ଲାଗିଥିଲା ଦ'ଗ୍ଲାରଟା ମୁଢ଼ି ସାଙ୍ଗରେ ଜନ୍ଦାମାନେ ଖେଳ ଆରମ୍ଭ କରଦେଇଥିଲେ । ଛିଣ୍ଡା ମସିଣା ଉପରେ ତାଙ୍କ ସହତ ଥିଲା ଖୋଲା ହୋଇଥିବା ସପ୍ତମ ଶ୍ରେଣୀର ଇଂରାଜୀ ବହଖଣ୍ଡେ । ବୋଧହୁଏ ନାତ କାଳଆର । ଯା ଭତରେ ପାଖ ଗାଁରେ ଇଂରାଜୀ ମିଡ଼ିୟମ୍ ସ୍କୁଲଟେ ଖୋଲସାରଥିବା ଖବର ପାଇଥିଲ ମୁଁ ।

'ଦାଦା, ଏ ବୟସରେ ବ ଆପଣ ପଢ଼ାଇ ପାରୁଛନ୍ତ ?' ଓଳଗି ହେଉ ହେଉ ମୁଁ କହଲ । ମୋ କଥାର କଛ ଉତ୍ତର ପାଇଲନ । ଶୁଣିପାରଲେନ ନା ? ଶୁଣି କଛ କହଲେନ ? ପୁଣି କହଲ, ' ଦାଦା, କାଳଆକୁ ଖାଲ ଆପଣ ପଢ଼ାଉଛନ୍ତ ନା ସିଏ ଆଉ କୋଉଠି ଟ୍ୟୁସନ୍ ହେଉଚ ?'

ଏଥର ତାଙ୍କ ପାଟି ଖୋଲଲା । ମୋ ପ୍ରଶ୍ନକୁ ସମ୍ପୂର୍ଣ୍ଣ ଉପେକ୍ଷା କର ସେ କହଲେ, 'ପପୁ ? ହଁ, ତୋ ବାପ କହୁଥିଲା, ତୁ ଆସିବୁ ।' ଧୀରେ କର ସେ କହଲେ । 'ତୋ ପାଖରେ ଯଦ କଛ ଟଙ୍କା ଅଛ ମୋତେ ଦେଇ ପାରବୁ କ ?' ଏଇ ବୟସରେ ବ ସେ ଯଦ ମୋ ଗାଲରେ ବ୍ରହ୍ମ ଚଟକଣିଟିଏ କଷି ଦେଇଥାନ୍ତେ ମୁଁ ଏତେ ଚମକ ନଥାନ୍ତ । ଦାଦା, ଆତ୍ମସମ୍ମାନ ଓ ଆତ୍ମମର୍ଯ୍ୟାଦା ଜଗି ଜଗି ଯିଏ ଏ ବୟସରେ ପହଞ୍ଚିଗଲେ, ସେ ପୁଣି ସିଧା ସଳଖ ମୋତେ ଟଙ୍କା ମାଗୁଛନ୍ତ ? ତର ତରରେ କହଲ, 'ହଁ ଦାଦା, ଅଛ । କେତେ ଦରକାର ?'

'ନାଇଁ, ଆଗେ କହଲୁ, ଏ ଯେଉଁ ନର୍ବାଚନ ପ୍ରଚାରର ଗାଡ଼ିସବୁ ଅନବରତ ଯାଉଛନ୍ତ ସେଗୁଡ଼ାକ ଆଉ କେତେ ଦନ ଯିବ ? ଦାଦାଙ୍କ ଧୁଆଁଳିଆ ସ୍ୱର ମୋତେ ବବ୍ରତ କରଦେଲା ସିନା ବୁଝିପାରଲନ ତାଙ୍କର ଦୁଇଟି ପ୍ରଶ୍ନ ଭତରେ ସମ୍ପର୍କ କଣ ?

କହଲ, 'କେତେ ଦନ ଆଉ ? ଶନବାର ସନ୍ଧ୍ୟାକୁ ପ୍ରଚାର ସରବ, ମାନେ ଆଉ ଚାରଦନ ।'

'ଆହୁର ଚାରଦନ ? ତେବେ ଚାଳଶି ଟଙ୍କା ଅଛ ପାଖରେ ?' ଦାଦା ମୋତେ ଚାଳଶି ଟଙ୍କା

ମାଗୁଛନ୍ତି ? ହଡ଼ବଡ଼େଇ ଗଲି, 'ହଁ ଅଛି, ତେବେ ଗ୍ୱଳଶି ନା ଗ୍ୱରଶ ? ଏବେ ଦେବି ?'

'ନାଇଁରେ, ଟଙ୍କା ମୋର କଣ ହେବ ? ଖର୍ଚ୍ଚ କରିପାରିବି କି ଆଉ ମୁଁ ? ଗ୍ୱରଟା ବଡ଼ ଚକୋଲେଟ୍ ଆଣିଦିଅନ୍ତିନି ମୋତେ ?' ଦାଦାଙ୍କ କଣ୍ଠର ବିକଳ ଭାବ ସତେ ଅବା ମୋର ମର୍ମକୁ ଭେଦିଗଲା । ସିଏ ମୋର ଏତେ ପ୍ରିୟ ଯେ ଖାଲି କହିଦେଲେ ମୁଁ ଗ୍ୱରବସ୍ତା ଚକୋଲେଟ୍ ଅଜାଡ଼ି ଦେଇଥାନ୍ତି ତାଙ୍କ ପାଖରେ । ସିଏ ମାଗୁଛନ୍ତି ଚକୋଲେଟ୍ ଗ୍ୱରଟା ? ମୁଁ ଆଶ୍ଚର୍ଯ୍ୟ ବି କମ୍ ହେଲିନି । ଦିନକୁ ଦି'ଥର ଇନ୍ସୁଲିନ୍ ନେଉଥିବା ଦାଦା କୋଉ ଦିନରୁ ମିଠାର ପାଖ ଯାଆନ୍ତିନି । ଆଗରୁ ଅବଶ୍ୟ ଖୁବ୍ ଖାଉଥିଲେ । ହେଲେ ଯେବେଠୁ ସୁଗାର୍ ବାହାରିଛି ସେବେଠୁ ନିଜକୁ ନିଜେ ତାଗିଦ୍ କରିଦେଇଛନ୍ତି । ଯଦି କିଏ କେବେ ବନ୍ଧୁବାନ୍ଧବ ଆଣିଥିବା ମିଠାରୁ ଖୁଡ଼ି ଗୋଟିଏ ବି ବଢ଼େଇ ଦେବେ କି ଗୋଟେ ଖାଇଦିଅ କିଛି ହବନି କହିବେ, ତେବେ ବି ଦାଦା ତାକୁ ଛୁଅନ୍ତିନି, କୁହନ୍ତି, 'ଭଗବାନ ରୋଗ ଦେଇନାହାନ୍ତି, ଆମ ସଂଯମଶକ୍ତିର ପରୀକ୍ଷା ନେଉଛନ୍ତି । ଏ ବୟସରେ ଆମେ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖି ନ ପାରିଲେ ପିଲାଙ୍କୁ କି ଶିକ୍ଷା ଦେବା ? ଘ'ରେ ଚିନି ତ ଗୁଡ଼ ସାକାରିନ୍ ବି ନିଅନ୍ତିନି ସେ । ସେଇ ଦାଦା... ! ବୋଉ କହେ ମଣିଷ କୁଆଡ଼େ ଆଗରୁ ଯେଉଁସବୁ ଇଚ୍ଛାକୁ ବାନ୍ଧି ରଖିଥାଏ, ଶେଷ ସମୟରେ ସେ ସବୁ ତାକୁ ମାଡ଼ିକେଞ୍ଚି ଅଥୟ କରିଦିଅନ୍ତି । ଜିଭ ତ ସହଜେ ବୋଲ୍ ମାନେନାହିଁ । ସେଥିପାଇଁ ତ ତିରିଶି ବର୍ଷ ବୟସରୁ ବିଧବା ହୋଇ ନିର୍ବିଷ ଏକାଦଶୀ ପାଳୁଥିବା ମୋ ଜେଜେମା, ମରିବା ସତର ଦିନ ଆଗରୁ ଲୁଚେଇ ଲୁଚେଇ କଞ୍ଚା ଶୁଖୁଆଗୁଡ଼ା ଗ୍ୱେବେଇ ପକାଉଥିଲା । ତା ହେଲେ କଣ ଦାଦା.. ? ତରତରରେ କହିଲି, 'ହଁ ଆଣିଦେବି । ଏବେ ଆଣିଦେଉଛି ।'

ମୋ ଡାହାଣ ହାତ ପାପୁଲିକୁ ନିଜର ଥଣ୍ଡା ଥଣ୍ଡା ଦୁଇ ପାପୁଲି ଭିତରେ ବାନ୍ଧିଦେଲେ ସେ । କହିଲେ, 'ଶୁଣ- ଭୁଲ ବୁଝିବୁନି । ଚକୋଲେଟ୍ ମୋ ପାଇଁ ନୁହେଁ କାଳିଆ ପାଇଁ ଦରକାର ।'

ଯେତେ ଖୋଲିବାକୁ ଗ୍ୱହୁଁଥିଲି ଗୋଲକଧନ୍ଦା, ସେତେ ଜଟିଳ ହୋଇଯାଉଥିଲା । ନିର୍ବାଚନ ପ୍ରଚାର- ଚକୋଲେଟ୍- କାଳିଆ - କିଛି ବୁଝି ପାରୁନଥିଲି ମୁଁ । ଦାଦା ବୋଧହୁଏ ମୋ ମନର ସନ୍ଦେହ ବିଷୟରେ ବୁଝିଥିଲେ । କହିଲେ, 'ଟିକେ ଅନେଇ ଦେଇ ଆ ତ, ଅଗଣାରେ କିଏ ଅଛନ୍ତି କି ? ଏ

ଟୋକାଟା ଏଇଠି ବସି ପଢୁଥିଲା, ଡିଆଁମାର କୁଆଡ଼େ ଗଲାଣି ।'

ମୁଁ ବୁଝିଲି, ଦାଦା ଗୋଟିଏ ବିଶେଷ କଥା କହିବେ । ଦେଖିଦେଲି ସେ ପଟଟା ପୁରା ନିର୍ଜନ । କହିଲି, 'ନାଇଁ ଦାଦା ନେହି ନାହାନ୍ତି । ଡାକିବି କି କାହାକୁ ?'

ମୋ ହାତ ଟାଣି ଦାଦା ବସେଇଦେଲେ ପୁଣିଥରେ । କହିଲେ, 'ଖରାପ ଭାବୁଥିବୁ । ଏ ବୁଢ଼ା ବୟସରେ ତୋ ଠୁ ଟଙ୍କା ମାଗିଲି । ହେଲେ କଣ କରିବି କହି ? ତୁ ତ ଜାଣୁ । ତୋ ଭାଇଭାଉଜ ଦୁହେଁ ଚାକିରୀଆ । ସକାଳ ନ'ରୁ ଘରୁ ବାହାରନ୍ତି ଯେ ଫେରୁ ଫେରୁ ସନ୍ଧ୍ୟା ଛଅ କି ସାତ । ତା'ପରେ ପୁଅକୁ ସେମାନେ ଆଉ ପଢ଼େଇ ପାରୁନାହାନ୍ତି କି ପାଖରେ ବସେଇ ପାଠ ଦେଖିପାରନ୍ତି ନି । ଏପଟେ ଟୋକା ନଭେଲ ପଢ଼ା ଆରମ୍ଭ କଲାଣି, ନହେଲେ ଟିଭିଟା ଆଗରେ ବସିଥିବ । ମୁଁ ତାକୁ ପଢ଼ାଉଥିଲି, ଏବେ ଆଉ ପାରୁନି । ବୋହୂ କହିଥିଲା ନ ପଢ଼େଇ ପାରିଲି ନାହିଁ, ଖାଲି ତା ପାଖରେ ଟିକେ ବସ । ସିଏ ଯେତେ ରାତି ପର୍ଯ୍ୟନ୍ତ ପଢ଼ିବ ତୁମେ ବି ସେହିଁ ବସିଥିବ । ନ ହେଲେ ସେ ଢୁଳେଇବ । ଦିନଟା ସାରା ତ ଘୁଙ୍ଗୁଡ଼ି ମାରୁଛ - ରାତିରେ ଟିକେ ଅନେଇ ଦେବ ।' ପୁଅକୁ କହିଦେଲା, 'ପରୀକ୍ଷା ଆସିଲାଣି । ରାତି ବାରଟା ଆଗରୁ ଯଦି ଶୋଇଥିବୁ... ।'

ବୋହୂକୁ ମୋର ପ୍ରାଣେ ଡର । ବର୍ଷେ ଆଗରୁ, ଦିନେ ଜ୍ୱର ଜ୍ୱର ଲାଗୁଥିଲା ଦେହଟା, ତା'କୁ ପଢ଼େଇ ନଥିଲି । ଗୋଟାଏ ଦିନ ମୋତେ ଉପାସ ରଖିଦେଲା । ବୁଢ଼ା ପେଖନା କାଢୁଛି - ଚେଙ୍କେ ଦେଲେ ଜ୍ୱର ଛାଡ଼ିଯିବ କହି ସଣ୍ଟୁଆସୀ ଗରମ କରି ଆଣୁଥିଲା ପୁଅ ପାଟିକଲା । ବୋଲି ନେଇ ରଖିଦେଲା ।

ଡରରେ ମୁଁ ତା' ପାଖରେ ଜଗିବସିଥାଏ ସେମିତ । ରାତି ଦୁଇ ହେଉ କି ତିନି, ସେ ଶୋଇବାକୁ ଗଲେ ମୁଁ ଶୁଏ । ଦିନରେ ସେ ସ୍କୁଲ୍ ପଳେଇଲେ ମୁଁ ଆରାମରେ ଟିକେ ଶୋଇଯାଏ । ହେଲେ ଏ ପ୍ରାଗ୍ର ଗାଡ଼ି ଗୁଡ଼ା ଘେଁ ଘେଁ ପେଁ ପେଁ କଲା ଦିନରୁ ଦିନରେ ଦଣ୍ଡେ ଗଡ଼ି ହେଉନି । କାଲି ରାତିରେ ଟିକେ ଘୁମେଇ ପଡ଼ିଥିଲି - ଟୋକାଟା ତା ମା'କୁ କହିଦେଲା । ଯାଚ୍ଛାତା ଶୋଧିଦେଇ ଗଲା । ବୋହୂ ଖୁନ୍ଦାଟେ ଦେଲା ଯେ ମୋ ଗାଲ ଦାନ୍ତ ସବୁ ଦରଜ । ଆଜ ବହୁତ କଷ୍ଟରେ ଟୋକାଟାକୁ ରାଜ କରାଇଛି, ଯେତକ

ଦନ ପ୍ରଗ୍ବର ଗ୍ଭଲବ, ସେତକ ଦନ ଯଦ ଦନକୁ ଗୋଟାଏ କଶ ଚକୋଲେଟ୍ ତାକୁ ମିଳେ ସେ ତା ମା'କୁ କଛ କହବନ । ତା' ମା ତ ଦନସାର ଖଟେ ବୋଲ ନଅଟାକୁ ଖଟକୁ ଯାଏ, ସକାଳେ ଉଠେ - କଛ ଜାଣିପାରବନ । ସେ ଗତରେ ଶୋଇଗଲା ପରେ ମୁଁ... ।'

ସବୁ ବୁଝିଗଲ । କହଲ, 'ତୁମେ କଛ ଭବନ ଦାଦା, ମୁଁ ଏଇନା ଆଣି ଦେଉଛ ।' ଲୋଗ୍ଭ କୋଗ୍ଭ ଚମଡ଼ଙ୍କା ପାପୁଲ ଦ'ଟା ମୋ ଗାଲରେ ସ୍ନେହରେ ବୁଲ ଆସିଲା । ଦାଦା କହଲେ, 'ବାପରେ କଛ ଭବବୁନ । ମାଗି ନଥାନ୍ତ । ହେଲେ ମୋ ପେନସନ୍ ବହ, ଏଟିଏମ୍ କାର୍ଡ଼ ସବୁ ପୁଅ ପାଖରେ । ପଇସା କୋଉଠୁ ଆଣିବ ? ମୁଦଟା ପିନ୍ଧିଥିଲ, ବକ ଦେଇଥାନ୍ତ । କନ୍ତ ଗଲାମାସ କାଳଆକୁ ଜ୍ୱର ହେଲା, ଯେତେ ଯାହାକଲେ ଭଲ ହେଲାନ । ବୋହୁ କହଲା, 'ତାକୁ କଟକ ନେବାକୁ ହବ । ମୁଦଟା ବକଦେବା ନ ହେଲେ ପଇସା କୋଉଠୁ ଆସିବ ? ସତକଥା ପିଲାଟାର ଜୀବନ ବଡ଼ ନା ବୁଢ଼ାଟାର ସଉକ ବଡ଼ । ଦେଇଦେଲ । ଖରାପ ଭବବ ତ ।'

ମୁଁ ମୁଣ୍ଡ ହଲେଇ ଉଠି ଆସିଲ । ବାହାରେ ଭଉଜଙ୍କ ସଙ୍ଗେ ଦେଖାହେଲା । କୁଲାଟାରେ କୁଲାଏ ସୁନୁସୁନିଆ ଶାଗ ଧର ସେ ଆସୁଥିଲେ । ମୋତେ ଦେଖି କହଲେ, 'ଆରେ, କେତେବେଳେ ଏ ଅପୂର୍ବ ? ପଳାଉଛ କଣ ଯେ ? ମୁଁ ଶାଗ ଭଜ ଦେଉଛ, ପଖାଳ ଗଣ୍ଡେ ଖାଇଦେଇ ଯିବ ।'

ସେତେବେଳକୁ କୁଲା ଶାଗ ସବୁ ମୋ ଆଖି ଆଗରୁ ଅଦୃଶ୍ୟ ହୋଇଯାଉଥିଲେ । ମୋତେ ଖାଲ ଦେଖାଯାଉଥିଲା, ତାଙ୍କ ମୁହଁର ନକଲ ହସ, ହାତର ଗ୍ଭର ଗ୍ଭରପଟ ସୁନାଚୁଡ଼ି ସହତ ମିନ ବାହୁଟି - ଆଙ୍ଗୁଳର ମୁଦ ଦ'ଟା... ।

ଯୋଡ଼ା ମହଳା ମହାବଦ୍ୟାଳୟ
ବନେଇ କଳା, ଯୋଡ଼ା
କେନ୍ଦୁଝର - ୭୫୮୦୩୮

# ନାରଦଙ୍କ କଳା ପଲ୍‌ସର୍

ଡା. ସୌମ୍ୟରଞ୍ଜନ ମିଶ୍ର



କଳହା ନାରଦ ଆସିଥିଲେ ବୁଲି
ଏବେ ଉତ୍କଳ ପ୍ରଦେଶ
ଶୁଣିଲେ ଈଶ୍ୱର ବର ଦେଇଛନ୍ତି
ପୃଥିବୀ ଆଉ ଆକାଶ ।
ତତ୍‌କ୍ଷଣେ ଢ଼ିଙ୍କି ବାହାନକୁ ସିଏ
ସ୍ୱର୍ଗକୁ ମୁହାଇଁଦେଲେ,
ମାତା ପାର୍ବତୀଙ୍କ ସମ୍ମୁଖରେ ଯାଇ
ସିଧା ଉଭା ହୋଇଗଲେ ।
କହିଲେ ମାତା ହେ ଯାଇଥିଲି ମୁହିଁ
ଉତ୍କଳ ପ୍ରଦେଶ ବୁଲି,
ଯାହା ମୁଁ ଶୁଣିଲି, କେମିତି କହିବି
ମଗଜ ଯିବ ଚହଲି ।
ଭାରତ ଖଣ୍ଡର ସରକାର ଏବେ
କରିଛନ୍ତି ଏକ ଆଇନ,
ଗଞ୍ଜେଇ ପୁଡ଼ିଆ ବିକ୍ରି ହେଉନାହିଁ
ପଡ଼ିଯାଉଅଛି ଫାଇନ ।
ଯିଏ ବି କିଣିବ କିଣି ସେ ପାରିବ
କେଜିଟାଏ କିମ୍ବା ବସ୍ତାଏ
ନିଶାଡ଼ିଙ୍କ ନିଶା ଆପେ ଖସିଯିବ
ଦେବାକୁ ପଡ଼ିଲେ ବେଜାଏ ।
ପ୍ରଭୁ ମହାଦେବ ଜଗତ ଈଶ୍ୱର
ଗଞ୍ଜେଇ କିଣିବା ଆଶାରେ,
ବିକି ଦେଇଛନ୍ତି ଆକାଶ, ପୃଥିବୀ
ଗଞ୍ଜେଇ ମାଫିଆ ପାଶରେ ।
ତ୍ରିଶୁଳ ଓ ନାଗ ଚିଖିନିଖି ସବୁ
ଦେଇଛନ୍ତି ବିକି ଈଶ୍ୱର,
ଉତ୍କଳ ପ୍ରଦେଶେ ଦାଣ୍ଡେ ଗଡୁଅଛି

ତାଜା ଚହଟ ଏ ଖବର ।
ନାରଦଙ୍କ ମୁଖୁ ଏହା ଶୁଣି ମାତା
ପିଇଗଲେ କେତେ ପାଣି,
ଚଳଲେ କୈଳାଶ ପର୍ବତ
ଭେଟିବେ ପ୍ରଭୁ ଶୂଳପାଣି ।
ଦେଖି ଉମାଙ୍କ ଉଗ୍ରରୂପ
ଆଉ କଟାକ୍ଷ ଗୃହାଣୀ,
ଆମୂଳଚୁଳ ଯେ କାହାଣୀ
ପ୍ରଭୁ ଧ୍ୟାନେ ପାରିଲେ ଜାଣି ।
ଅଧରେ ସ୍ମିତହାସ୍ୟ ଧରି
ଉମାଙ୍କୁ ଆଲିଙ୍ଗନ କଲେ,
ଶ୍ରଦ୍ଧାରେ ପାଖରେ ବସାଇ
ସବୁ କାହାଣୀ ବଖାଣିଲେ ।
ଈଶ୍ୱର ନାମରେ ମଣିଷ
ଉତ୍କଳ ପ୍ରଦେଶେ ତା' ବାସ
ସର୍କାରୀ ଗୁପତ ଖବର
ଦେଇଛି ଯବନର ପାଶ ।
ପୃଥିବୀ, ବ୍ରହ୍ମୋସ, ଆକାଶ
ଆଦି ଯେ ଯୁଦ୍ଧ ସରଞ୍ଜାମ,
ମୋହର ପାଶୁପତ ଆଗେ
କିଛି ହେ ଦେବନାହିଁ କାମ ।
ଏ ସବୁ ଅସ୍ତ୍ରର ଗୁପତ ରହସ୍ୟ
କୌଶଳକୁ ସିଏ ବିକିଛି,
କାନ ଦୋଷରୁ ଏହାଙ୍କୁ
ମୋ କଥା ଭଳି ଶୁଭିଛି ।
ହେଇ ପ୍ରିୟା ଦେଖ ମୋ ତ୍ରିଶୂଳ
ଆଉ ଗଳାର ଏ ନାଗ

ଏମାନଙ୍କ ବିନା ମୁଁ କଅଣ
ଦେଖାଯିବି ଆଉ ବାଗ ?
ଏଥିପାଇଁ ଉମା
କରନାହିଁ ରୋଷ
ଯାହା ହେଲା ସବୁ ସେଇ
ନାରଦଙ୍କ ଦୋଷ ।
ତାଙ୍କୁ ଏଥିପାଇଁ
ନିଷ୍ଟେ ଦଆଯିବ ଦଣ୍ଡ
ତାଙ୍କ ଢିଙ୍କି ହୋଇଯାଉ
ଭାଙ୍ଗି ଖଣ୍ଡ ଖଣ୍ଡ ।
ନୂଆ ବାହାନ ମିଳିବ ତାଙ୍କୁ
କଳା ରଙ୍ଗ ପଲ୍‌ସର ।
ଉତ୍କଳେ ଏହାର ଗାରିମା
ଅଟେ ଅତି ଚମତ୍କାର,
ଏବାହାରେ ଯଦି ସେଆଡ଼କୁ ଯିବେ
ଖାଇବେ ଉତ୍ତମ ପାହାର ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨

# ମହୁର

ଋତୁ ପଟ୍ଟନାୟକ ମହାନ୍ତି



ଆବଶ୍ୟକୀୟ ସାମଗ୍ରୀ :

୨ଟି ବାଇଗଣ, ୨୦୦ ଗ୍ରାମ ବୋଇତ କଖାରୁ, ୨ ଟି ସାରୁ, ୨୫୦ ଗ୍ରାମ ଦେଶୀ ଆଳୁ, ୫୦୦ ଗ୍ରାମ କଦଳୀ ମଞ୍ଜା, ୪ଟି ବଡ଼ି, ୧ ଗ୍ଲମଚ ଧନିଆ, ୧ ଗ୍ଲମଚ ଜୀରା, ୧/୨ ଗ୍ଲମଚ ଗୋଲମରଚ, ଗ୍ଲେଟ ଖଣ୍ଡେ ଡ଼ାଲଚିନି, ୧ ଗ୍ଲମଚ ହଳଦୀ ଗୁଣ୍ଡ, ୧ ଗ୍ଲମଚ ସୋରଷ, ୧ଟି ଲାଲ ଲଙ୍କା,



୧ ବଡ଼ ଗ୍ରମଚ ଭଲ ଘିଅ, ୧/୨ କପ୍ କୋରାଯାଇଥିବା ନଡ଼ିଆ, ୧ଟି ତେଜପତ୍ର, ସ୍ୱାଦାନୁସାରେ ଲୁଣ

ପ୍ରଣାଳୀ :

ପ୍ରଥମେ ଧନଆ, ଜୀର, ଗୋଲମରଚ, ତେଜପତ୍ର ଓ ଡାଲଚନକୁ ମିଶେଇ ଗୁଣ୍ଡ କରଦଅନ୍ତୁ । ସମସ୍ତ ପରବାକୁ ଛୋଟ ଛୋଟ ଆକାରରେ କାଟି ଧୋଇଦେଇ ସିଝେଇ ଦଅନ୍ତୁ । ଏଥିରେ ଲୁଣ ଏବଂ ହଳଦୀ ଗୁଣ୍ଡ ମିଶେଇ କଛି ସମୟ ବସେଇ ଦଅନ୍ତୁ । ପରବା ଗୁଡ଼ିକ ଅଧା ସିଝା ହୋଇଥିବା ବେଳେ ସେଥିରେ ପୂର୍ବରୁ ପ୍ରସ୍ତୁତ ମସଲାଗୁଣ୍ଡ ମିଶେଇ ଦଅନ୍ତୁ ଏବଂ ସିଝିବା ପାଇଁ ଛାଡ଼ି ଦଅନ୍ତୁ ।

ବର୍ତ୍ତମାନ ଚୁଲ୍ଲା ଉପରେ ଗୋଟିଏ କରେଇ ବସାନ୍ତୁ । ସେଥିରେ ଭଲ ଘିଅ ପକାନ୍ତୁ । ଘିଅ ଗରମ ହୋଇଗଲେ ସେଥିରେ ବଡ଼ିକୁ ପକାଇ ଭଜ ଦଅନ୍ତୁ ଏବଂ ବାହାର କର ଆଣନ୍ତୁ । ଏହାପରେ ସୋରଷ ଏବଂ ଶୁଖିଲା ଲାଲ ଲଙ୍କାକୁ ସେଥିରେ ଫୁଟାନ୍ତୁ । ସେ ସବୁ ଫୁଟିଗଲେ ତାକୁ ପୂର୍ବରୁ ସିଝୁଥିବା ପରବା ପାତ୍ରରେ ପକେଇ ଦେଇ କଛି କୋରା ହୋଇଥିବା ନଡ଼ିଆ ଏବଂ ଶୁଦ୍ଧ ଘିଅ ପକେଇ ଢାଙ୍କୁଣୀ ଦେଇ ରଖି ଦଅନ୍ତୁ । କଛି ସମୟ ପରେ ଘିଅର ବାସନା ଭତରେ ଜରଯିବାପରେ ଗରମ ଗରମ ପରଶି ପାରବେ ।

ଏହ ବ୍ୟଞ୍ଜନ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରତଦନ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କ ଭୋଗରେ ଲାଗିଥାଏ । ଏବଂ ଭୋଜଭାତରେ ମଧ ପରଶାଯାଏ ।

# ତମେ

ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ



ଭରଥିଲ ଦନେ ସ୍ପନ୍ଦନ ତୁମେ
ଏଇ ହୃଦୟରେ ମୋର ।
କରଥିଲ ତୁମେ ସଜୀବ ଦନେ
ଏଇ ଜୀବନକୁ ମୋର ।

ଆଶା ଓ ବଶ୍ୱାସ ଭରଥିଲ ତହିଁ
କେତେ ମିଠାକଥା କହ
ମୃତ ଶରୀର ମୋ ଚେଇଁ ଉଠିଥିଲ୍
ତୁମ କଥା ଶୁଣି ଶୁଣି ।

ଜୀବନ ତ ଥିଲ୍, କନ୍ତୁ ବଞ୍ଚିବା ନଥିଲ୍
ଏଇ ଦୁନଆଁରେ ମୋରେ
ପ୍ରେମ ରଙ୍ଗ ଦେଇ କହ ଦେଇଥିଲ
ସଂଜ୍ଞା ତୁମେ ବଞ୍ଚିବାର ।

ତୁମ ସ୍ପର୍ଶ ସତେ ସବୁଠୁ ନଆର୍
ଦୁନଆଁ ଭୁଲ୍ଇଥିଲ୍
ତୁମକଥା ସବୁ ଭ୍ର ଯାଦୁକାରୀ
ମତୁଆଲ୍ କରଥିଲ୍ ।

ଛୁଇଁଥିଲ ତୁମେ ମନର ତାରକୁ
ଅଛୁଆଁ ଯେ ଥିଲ୍ ଦନେ
ଇୟେ ଅଟେ ପ୍ରେମ... ହସି ହସି ତୁମେ
କହଥିଲ ମୋର କାନେ ।

ଦୁନଆଁକୁ ମୁଁ ଭୁଲଗଲ୍ପରେ
ତୁମେ ଭୁଲଗଲ ମୋତେ
ତୁମେ ଗଲ୍ପରେ ଅସହ୍ୟ ଜୀବନ
ଅସରନ୍ତ ଦନ କେତେ... ?

ସିନସିନାଟି, ଓହାୟୋ
ଯୁକ୍ତରଷ୍ଟ୍ର ଆମେରକା

# ଇତିଶ୍ରୀ

ରବନ୍ଦ୍ର ପାଣିଗ୍ରାହ



ଆମ ଗାଁଠାରୁ ପରବାହାଟ ବେଶୀ ଦୂର ନୁହେଁ, ତଥାପି ପ୍ରାୟ କଲୋମିଟରେ ପାଖାପାଖି ହେବ । ବାପା କନ୍ତୁ କେବେ ସାଇକେଲ ନେଇ ହାଟକୁ ଯାଆନ୍ତ ନାହିଁ । ସେ କୁହନ୍ତ, ଏ କୋଉ ଦୂରବାଟ ହୋଇଛ ଯେ ମୁଁ ସାଇକେଲ୍ ନେଇଯିବ । ମୋ ବାପା. ଜେଜେବାପା ଗ୍ବଲ ଗ୍ବଲ, ପୁରୀ, କଲକତା ଆଉ ରେଙ୍ଗୁନ୍ ପଳାଇ ଯାଉଥିଲେ ବୋଲ ଶୁଣିଥିଲ । ଆଉ ମୁଁ.. ଏ ହାଟକୁ... !!!

ବୋଉ ମୋତେ ଆଖିଠାର ମାରଦଏ ଆଉ ମୁଁ ହସିଦଏ । ବାପା ରଗିଯାଇ କହନ୍ତ, ଆଜକାଲର ପିଲାମାନଙ୍କୁ ଗାଧୁଆ ତୁଠକୁ ଗଲେ ବ ମଟରଗାଡ଼ି ଦରକାର ପଡୁଛ ।

ମୁଁ ଯେବେ ଠୁ ହାଟରୁ ପରବା ଆଣିବାର ଶିଖିଥିଲ, ସେବେଠୁ ବାପାଙ୍କ ହାଟକୁ ଯିବାଟା ପ୍ରାୟ ବନ୍ଦ ହୋଇଛ କହଲେ ଚଳେ ।

ଏ ପରବା ହାଟସହ ଯେଉଁ ସମ୍ପର୍କ ନବଡ଼ କନ୍ତୁ ଆନ୍ତରକ ନୁହେଁ । ମନର ସ୍ୱାଧୀନତା ନାହିଁ, ରୁଚ ନଥାଇ ମଧ ବାଧତା । ଏ ପରସ୍ଥିତ ପ୍ରାୟ ପାଞ୍ଚରୁ ଛଅ ବର୍ଷ ହୋଇଗଲାଣି । ଆଗେ ପ୍ରତ୍ୟେକ ଦନ ଆସୁଥିଲ ଏଇ ହାଟକୁ, ଆଉ ଏବେ ସପ୍ତାହକୁ ଥରେ । ବଶେଷକର ରବବାର ଦନଟି । ସୂର୍ଯ୍ୟ ଉଇଁବା ଆଗରୁ ଉଠିପଡ଼େ, ଗୋଟିଏ କନାବ୍ୟାଗ ଧର ବାହାର ପଡ଼େ ପରବାହାଟକୁ । ସପ୍ତାହରେ ଦନଟିଏ ରବବାର । କନ୍ତୁ ଏଇଟି ମୋ ପାଇଁ ଛୁଟି ଦନ ନୁହେଁ । ଏହ ଦନର କାର୍ଯ୍ୟକ୍ରମ ଶନବାର ଦନ ହିଁ ନଶ୍ଚୟ ହୋଇଥାଏ ।  ଆଉ ସେ ଦାୟିତ୍ୱ ମୋ ବୋଉର । ବଗିଦ ସବୁ କ୍ରମ ଅନୁସାରେ କରବାକୁ ପଡ଼େ ।

ହାଟରେ ଆମର ଚହ୍ଣା ଦୋକାନ ଥାଏ, ନାଁ ତା'ର 'ସାରୁ' ଅପା । ବୟସ ହାରାହାରି ପଚାଶ କମ୍ବା ପଞ୍ଚାବନ ହେବ । ମୋ ବାପାଙ୍କ ନାଁ ଅରକ୍ଷିତ । କନ୍ତୁ ବୁଢ଼ୀ ଦେଖିବାମାତ୍ରେ କହବ, ଆରେ ହେ ଅରକ୍ଷିପୁଅ ଇଆଡ଼େ ଆ, ମୁଁ ବଞ୍ଚିଛରେ ମରନ । ବୁଢ଼ୀ ରଡ଼ିଛଡ଼େ । ମୋତେ କନ୍ତୁ ହାଟ ଭତରେ ବୁଢ଼ୀର ଏପର ବ୍ୟବହାର ଦେଖି ଭାର ଚଡ଼ିଲାଗେ ଓ ଲାଜ ବ । ହେଲେ ବୁଢ଼ୀ, ଭାରୀ ଭଲ ଲୋକଟେ । ଓଜନରେ ଆଉ ପଇସାରେ କେବେ ବ ଠକେନ । ପରବା ସାଙ୍ଗକୁ କଞ୍ଚାଲଙ୍କା ମାଗଣାରେ ଦଏ । ଆମ ବାପା ତା'ଠୁଁ ପରବା ନେଉଥିଲେ, ଆଉ ତାଙ୍କ ପରେ ମୁଁ ବ ସେଇଠୁ ହିଁ ପରବା ନେଉଛ । ବେଶ୍ ଅନେକ ବର୍ଷର ସମ୍ପର୍କ ଆମର । ଆଗ ବାପାଙ୍କ ସହତ ଆସୁଥିଲ ଏବେ ଏକା ଏକା ଆସୁଛ । ହାଟରେ ଲୋକଙ୍କ ପାଟିତୁଣ୍ଡରେ ମୋର କାନ କଣ ହୋଇଯାଏ । ଆଳୁକଲୋ ପନ୍ଦର, ବାଇଗଣ ଶସ୍ତା ହେଲା ଇଆଡ଼େ ଆସ, ଭାଇ ଶାଗ ଦ ବଡ଼ାକୁ ଦଶ.. ଦଶ.. ଇଆଡ଼େ ଇଆଡ଼େ.. ମୋତେ କନ୍ତୁ ସେଇ ଏକା ଦୋକାନ ଭଲ ଲାଗେ । ମୁଁ ବ୍ୟାଗ ମେଲେଇ ଧରଥାଏ, ବୁଢ଼ୀ ସେଥିରେ ପାଳଙ୍ଗ ଶାଗ, ବାଇଗଣ, ଧନଆ, ଆଳୁ, ମୂଳା, ମେଥିଶାଗ ବଡ଼ା ବଡ଼ା କର କଣ କଣ ସବୁ ପକାଏ ମୁଁ ସେ ଆଡ଼କୁ ଧ୍ୟାନ ଦଏନାହିଁ । ସେ କଣ ପକାଏ, କେତେ ପକାଏ ମୁଁ ଜାଣେ ନାହିଁ । ଜାଣିବାର ବ ଦରକାର ନାହିଁ । ଶେଷରେ ଦାମ୍ କହଲାପରେ ଟଙ୍କା କେତୋଟି ବଢ଼ାଇ ଦଏ । ବୁଢ଼ୀ ବହୁତ ବଶ୍ୱସ୍ତ । ତେଣୁ ମୁଲାମୁଲ କରବାରେ ସମୟ ନଷ୍ଟ କରେନାହିଁ ।

ସେଦନ ବୁଢ଼ୀପାଖକୁ ଯିବା ପୂର୍ବରୁ ଦୂରରୁ ଦେଖିଲ କଏ ଜଣେ ତରୁଣୀ ପଛମୁହାଁ ହୋଇ ବୁଢ଼ୀପାଖରେ ବସି କଣ ଗୁଡ଼ାଏ ଗପିଯାଉଛ । ତା'ର କୋମଳ କଣ୍ଠରୁ ବାହାରୁଥିବା ପ୍ରତ୍ୟେକଟି ଶବ୍ଦ ଅତ ମଧୁର ଲାଗୁଥିଲା, ଆଉ ଚହ୍ଣା ଚହ୍ଣା ବ । ମନେ ପକାଇ ଦେଉଥିଲା ମୋର ଅତୀତକୁ । କଅଁଳଆ ପତ୍ରରେ ଆବୃତ ହୋଇଥିବା ସେହ ଗଛ ବୁଦାମାନଙ୍କୁ । ଆଉ ସେ ଆମ୍ବଗଛର ପତ୍ରବୁଦା ଭତରେ କୁହୁ କୁହୁ ରବ ଛାଡୁଥିବା କୋଇଲର କଣ୍ଠସ୍ୱରକୁ । ହାଟକୁ କେତେ ଆଡୁ କେତେ ଲୋକ ଆସିଥାନ୍ତି, କେତେ ଲୋକଙ୍କ ସହ ଦେଖାହୁଏ, ଏବଂ ଏକଥା ବ୍ୟସ୍ତମୟ ସମୟ ଭତରେ କଏ ଯେ ମନେ ରେଅଖେ, ଅବା କାହିଁକ ମନେ ରଖିବ ?

ହେଲେ ଏ କଥା ମୋ ପାଇଁ ପ୍ରଜୁଜ୍ୟ ହୋଇପାରେ, କନ୍ତୁ ଏ ଭଡ଼ ଭତରେ କଏ ଯେ ମୋତେ

ଜାଣିଛ, ଚହ୍ନିଛ ଆଉ ମୋତେ ତା'ର ହୃଦୟର ଶୂନ୍ୟ କୋଠରୀର ଆସନରେ ବସେଇ 'ପ୍ରେମିକ'ର ସ୍ଥାନ ଦେଇପାରିଛ । ମୋତେ ତା'ର ଆକାଶର ମେଘଖଣ୍ଡ ଭିତରେ ଲୁଚିଯାଉଥିବା ସେହି ଜହ୍ନଟିକୁ ମେଘଖଣ୍ଡ ଭିତରୁ ଉଦ୍ଧାର କରିବା ଭଳି । ତୋଳି ନେଉଛି ମୋତେ ସେ ବଣ ଭିତରେ ଲୁଚିଯାଉଥିବା ବଣମଲ୍ଲୀ ଫୁଲଟେ ଭଳି । ସେଦିନ ଶୀତୁଆ ପବନ ଭିତରେ ବି ବୋହିଗଲା ମୋ ଦେହରୁ ଦମକାଏ ଝାଳ । ତା'ର ଗଭିରେ ଖୋସିଥିବା ରଜନୀଗନ୍ଧାର ବାସ୍ନା ପୁଲକିତ କରୁଥିଲା ମୋର ମନ ଆଉ ହୃଦୟକୁ । ହୃଦୟ ଭିତରେ ସୃଷ୍ଟି ହୋଇଥିଲା ମରୁଭୂମିର ବାଲିଝଡ଼, ଯାହା ମୋତେ ଅସ୍ଥିର କରିପକାଉଥିଲା ।

ପ୍ରଥମଥର ଅନୁଭବ କରୁଥିଲି ଯୌବନର ଛୁଆଁକୁ । ଆଉ ଲାଗୁଥିଲା ସତେ ଯେପରି ଆକାଶରେ ଉଡ଼ୁଥିବା ପକ୍ଷୀମାନେ ରଡ଼ିବାଗୁଡ଼ି ସେଇଠି ଅଟକି ଯାଇଛନ୍ତି । ପଶ୍ଚିମ ଦିଗରେ ଲୁଚିବାକୁ ଯାଉଥିବା ସୂର୍ଯ୍ୟଟି ସତେ ଯେପରି ଲୁଚିବାଟା ଭୁଲିଯାଉଛନ୍ତି । ହାଟକୁ ଆସିଥିବା ପ୍ରତ୍ୟେକଟି ବ୍ୟକ୍ତି ସ୍ଥାଣୁ ପାଲଟି ଯାଉଛନ୍ତି ।

ମନେ ପଡୁଛି ସେଦିନର ସେଇ ପୁରୁଣା କଥା, ଯେଉଁଦିନ ସେ ଏ ଭିଡ଼ ଭିତରେ ଖୋଜି ଖୋଜି ମୋ ପାଖକୁ ଆସୁଥିଲା । ସେ ଚାହୁଁଥିଲା ତା'କୁ ଯେମିତି କେହି ନ ଦେଖନ୍ତି, ନ ଚହ୍ନନ୍ତି । ଏ ଭାବନା ତା ମନକୁ ଅସ୍ଥିର କରି ପକାଉଥିଲା । ଡରରେ ତା' ଶରୀରଟା ବରଡ଼ା ପତର ଭଳି ଥରୁଥିଲା । ନିଜକୁ ଲୁଚାଇବାକୁ ଯାଇ ବାରମ୍ବାର ଏପଟ ସେପଟ ଚାହୁଁଥିଲା । ନାଲି ଟୁଲୁଟୁଲୁ ତା'ର ଓଠ ଧାରରୁ ମଧୁର ଶବ୍ଦଟିଏ ବାହାରି ଆସିଲା, ମୋ ନାଁ ଇତି । ମୋ ବାମ ହାତର ପାପୁଲିକୁ ଧରି କହିଲା, ମୁଁ ତୁମକୁ ଖୁବ୍ ଭଲପାଏ । ମୋ ଠୁ ବି ଅଧିକ । କେତେବେଳେ କେଉଁଠି ମୁଁ ଜାଣେନି, ହେଲେ ମନ, ହୃଦୟ ଓ ଆତ୍ମାକୁ ମୋତେ ତୁମେ ଜାବୁଡ଼ି ଧରିଛ କେଉଁ କାଳରୁ । କେମିତି କେଜାଣି ମୋତେ ଲାଗୁଛି ତୁମେ ବି ମୋତେ ଭଲ ପାଉଛ । ଥରେ ମନକଥା କୁହନ୍ତନି ? ଆଉ ମୋ ମୁହଁ ତଳକୁ କରି ଅନୁଭବ କରୁଥିଲି ମୋ ଶିରପ୍ରଶିରରେ ବହୁଥିବା ରକ୍ତ ପ୍ରବାହକୁ । ଦେହରୁ ବହିଯାଉଥିବା ଝାଳକୁ । ଜାଣି ପାରୁଥିଲି ଝାଳର ଗନ୍ଧରୁ ସେ ବଣ ମଲ୍ଲୀର ବାସ୍ନାକୁ । ଆଉ ମୁଁ ମାଟି ଉପରେ ନଖରେ ଗାର ଟାଣୁଥିଲି । ତା'ର ସ୍ପର୍ଶ ମୋତେ ଦୁର୍ବଳ କରିଦେଉଥିଲା ସତେ ।  ପାଟିରୁ ମୋର କଥା ବାହାରୁନଥିଲା । ମନ କହୁଥିଲା

ଦୁଇହାତର ପାପୁଲିରେ ତାର ପଦ୍ମଫୁଲିଆ ମୁହଁରେ ପ୍ରେମର ମୋହର ଲଗେଇଦେବି । ଗୋଲାପ ପାଖୁଡ଼ା ଭଳି ନାଲି ଓଠରୁ ପାଖୁଡ଼ାକୁ କାଢ଼ିନେବି, ହେଲେ ପାରିନଥିଲି ।

କାହିଁକି କେଜାଣି ବର୍ଷାଜଳ ପରି ବୋହିଗଲି ନଈର ସେ ଅତଳ ଗର୍ଭକୁ । ପାଲଟିଗଲି ମଶାଣୀ । ଯେଉଁଠି ସାଥିହୋଇ ସାଥିକୁ ସାହାଯ୍ୟ କରିବାରେ ନଥାଏ ଅଧିକାର । ଗ୍ଲେଟ ନାଁଟିଏ ବହୁତ ଭଲ ଲାଗିଥିଲା, ବେଶଭୂଷା, ପରିପାଟିରୁ ସେ ସେଠି ଅଲଗା ଲାଗୁଥିଲା । ଟି ସାର୍ଟ ଓ ଜିନ୍ସ୍ ପିନ୍ଧିଥିବା ଝିଅଟା । ଜିନର୍ ବୟ୍‌କଟ୍ କେଶରାଶି ଏ ସହରରେ ଅସାଧାରଣ ନୁହେଁ, କିନ୍ତୁ ତା ବୟସ ସଙ୍ଗେ ଏପ୍ରକାରର ପରିପାଟିରେ କାହିଁକି କେଜାଣି ବ୍ୟତିକ୍ରମ ଲାଗୁଥିଲା । ଚୁପ୍ ହୋଇ ଚାଲିଆସିବାକୁ ଭାବୁଥିଲି । ଅସଲ ବେଳକୁ ବୁଢ଼ୀ ଡାକି ପକାଇଲା । ତା ସହିତ ମୋର ପରିଚୟ କରେଇ ଦେଲା । ସେ କାଲି ଭୁବନେଶ୍ୱରରୁ ଆସିଛି । ଗାଁରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଦେଖିବାପାଇଁ । ସେ ଦିନ ବି ପୂର୍ଣ୍ଣିମା ଥିଲା, ସେ ଦିନ ବି ଆକାଶରେ ପୂର୍ଣ୍ଣମୀର ଜହ୍ନ ଉଇଁଥିଲା । ବିଛେଇ ହୋଇ ପଡ଼ିଥିଲା ରୁପେଲି କିରଣ । ଗତ ଲାଗୁଥିଲା ଦିନପରି ଆଉ ଆଜି ଜହ୍ନ ଥାଇବି ପୂର୍ଣ୍ଣମୀଟା ଲାଗେ ଘୋର ଅନ୍ଧକାର ।

ଝିଅଟି ଦେଖିବାକୁ ଗୋଟିଏ ଗୁଉଳରେ ଗଢ଼ା । ବନହରିଣୀ ପରି ଆଖି, ପଦ୍ମଫୁଲପରି ମୁହଁ, ଆଉ ଗୋଲାପ ପାଖୁଡ଼ା ପରି ଓଠଧାର । ହେଲେ ଇୟେ ତା'ଭଳି ନୁହେଁ । ଯିଏ ମନଭିତରୁ ମନକୁ ଆଉ ହୃଦୟ ଭିତରୁ ହୃଦୟକୁ ଚୋରିକରି ନେଇପାରେ । ଆଜି କାହିଁକି କେଜାଣି ଏତେବର୍ଷ ପରେ ହଠାତ୍ ତା କଥା ମନେ ପଡ଼ିଲା । ଏ କଥା ଭାବି ଭାବି କେତେବେଳେ ଯେ ମୁଁ ଘରକୁ ପଳେଇ ଆସିଲିଣି ଏକଥା ମୁଁ ଜାଣିପାରିନି ।

ସତରେ ମୁଁ କିଛି ଭୁଲିଯାଉଛି ? ନା କିଛି ମନେ ରଖିଛି ? ସେତେବେଳେ ବୋଉ ମୋ ହାତରୁ ବ୍ୟାଗଟା ନେଇ ମନେ ମନେ କଣ ଗୁଣୁଗୁଣୁ ହୋଇ ଚାଲିଗଲା । ଏତେ ବଡ଼ ହେଲାଣି ତଥାପି ଭୁଲିବାର ଅଭ୍ୟାସ ଏ ଯାଏଁ ଛାଡ଼ିଲାନି । ବାରମ୍ବାର କହିବା ସତ୍ତ୍ୱେ ବି ଭୁଲିଗଲା । ଆସିଲା ବେଳେ ନନାଙ୍କୁ କହି ଆସିବୁ, କାଲି ତୋ ଜେଜେଙ୍କ ଶ୍ରାଦ୍ଧ ବୋଲି । ଯେତେ ବୁଝେଇଲେ ବି ମୋ ମନଟା କାହିଁକି କେଜାଣି ଅମାନିଆ ହୋଇପଡୁଛି । ମୋତେ ଲାଗୁଛି ଏଇ ମୋର ସେଇ ଇତି । ଦିନେ ଯେ ମୋର ହୃଦୟରେ ପଶିଆସିଥିଲା । ଭାବନାଟା ମୋ ମନକୁ ଅସ୍ଥିର କରି ପକାଉଥିଲା । ରାତିର ନିଦ୍ରାକୁ ତଳତଳାନ୍ତ କରି

ପକାଉଥିଲ୍ । ଏକଥା ଭବ ମୋତେ ରତରେ ନଦ ବ ହେଉନଥାଏ । ବାରମ୍ବାର ସମୟ ଦେଖୁଥାଏ । କେତେବେଳେ ସକାଳ ହେବ । ହେଲେ ସମୟ ତା କର୍ମପଥରେ ନଷ୍ଠାର ସହ ଗ୍ଭଲଛ । ଏଥିରେ ବ୍ୟସ୍ତ ହେବାର ମାନେ କଛ ନଥାଏ ।

ରତପାହ ସକାଳ ହେଲେ ମୁଁ ମୋ ନତ୍ୟକର୍ମ ସାର ଗ୍ଭଲଆସିଲ ହାଟକୁ । ସେତେବେଳେ ସାରୁଅପା ପରବା ଝୁଡ଼ି ଭତରୁ ପରବା ଗୁଡ଼ାକ ବାହାର କର ସଠିକ୍ ଭବରେ ରଖୁଥାଏ । ମୋତେ ଦେଖି ବ୍ୟସ୍ତ ହୋଇ ପଗ୍ଭରଲା, କରେ ତୁ ଏତେ ସକାଳୁ ପରବାହାଟରେ କଣ କରୁଛୁ ? କାଲ କଛ ଜନଷ ଭୁଲ ଯାଇଥିଲୁ କ ?

ମୁଁ ଥତମତ ହୋଇ କହଲ, ନାଁ ସେମିତ କଛ ନୁହଁ । ହେଲେ କାଲ ତୋ ପାଖରେ ଯେଉଁ ଝିଅଟା କଥା ହେଉଥିଲ୍ ତାନାଁ କଣ ଇତ ? ବୁଢ଼ୀ ମୋ କଥା ଶୁଣି ଫେଁ କନା ହସିଦେଇ କହଲା, ଏକଥା ପଗ୍ଭରବାକୁ ଏତେ ସକାଳୁ ଗ୍ଭଲ ଆସିଛୁ ? ତା ନାଁ ଇତ ନାଇଁ, ଇତଶ୍ରୀ । ସକାଳୁଆ ଶୀତୁଆ ପବନ ଦଲକାଏ ଥଣ୍ଡା ପବନ ମୋ ଦେହକୁ ଛୁଇଁଦେଇ ଗ୍ଭଲଗଲ । ମୋ ମନ କହଲ ଏ ଶୀତୁଆ ପବନଟା ଆଜର ନୁହେଁ ସେ ଦନର । ଆମ୍ବଗଛର ପତ୍ର ବୁଦା ଭତରୁ ବସି ରବୁଥିବା କୋଇଲଟା କୁହୁ କୁହୁ ରବ ଛାଡ଼ି କହ ଉଠିଲ୍ ଏଇ ଆଜର ନୁହେଁ । ବର୍ତ୍ତମାନ ଭତରେ ଅତୀତକୁ ସାଉଁଟିବାକୁ ଯାଇ ନଜକୁ କ୍ଷତ ବକ୍ଷତ କରବାର ମାନେ କଛ ନଥାଏ । ଭୁଲଯାଅ ସେଇ ଅତୀତକୁ, ଯିଏ ଦୁଃଖ ଆଉ କଷ୍ଟର ପ୍ରତାରଣାର ବୋଝକୁ ତୁମ ମୁଣ୍ଡରେ ମୁଣ୍ଡେଇ ଦେଇ ଜୀବନର ଚଲାପଥକୁ ଠେଲଦେଇଥିଲ୍ । ଯେଉଁଠି ଏକା ଗ୍ଭଲବାକୁ ହେବ ଲକ୍ଷ୍ୟହୀନ ଜୀବନଭଳ । ପ୍ରତ୍ୟେକ ମୁହୂର୍ତ୍ତକୁ ଇତ ନୁହେଁ ଇତଶ୍ରୀର ପୂର୍ଣ୍ଣଛେଦ ଟାଣି ।

ଭୂଷଣ୍ଡପାଳ, ଜଗନ୍ନାଥପ୍ରସାଦ, ଗଞ୍ଜାମ ୭୬୧୧୨୦

ମୋ - ୯୪୩୮୫୩୫୪୨

# ଝିଅ ନୁହେଁ ମରୁବାଲି

ପ୍ରଶାନ୍ତ କୁମାର ନାଥ



ଯାହାକୁ ମୁଁ ପାଉଥିଲି ଭଲ
ସିଏ ଗଲା ମୋତେ ଭୂଲି
ଆଉ କାହା ହାତ ଧରି ସିଏ
ପର କରି ଗଲା ଚାଲି ।
କେମିତି ଭୁଲିବି ତାକୁ ମୁଁ ଯେ
ପାରୁନାହିଁ ଜମା ଜାଣି
ମନେ ପଡ଼େ ସେହି ପଛ କଥା
ମଧୁଝରା ସେ କାହାଣୀ ।
ସିଏ ସିନା ଭୁଲି ଗଲା ମୋତେ
ପାରୁନାହିଁ ମୁଁ ଯେ ଭୁଲି
ଜାଣି ନଥିଲି ଝିଅ ନୁହେଁ ସେ
ଥିଲା ପରା ମରୁବାଲି ।
ମରୁବାଲିର ତହ ତହ ନିଆଁରେ
ଜଳୁଛି ଯେ ଆଜି ମୁହିଁ
ଚଉଠି ରାତିରେ ଫୁଲ ଶେଯରେ
ପଡ଼ିଥିବ ସିଏ ଶୋଇ ।
ପାଟିକୁ ମୋହର ଦାନା ଯାଏ ନାହିଁ
ଛାତି ମୋର ଯାଏ ଫାଟି
କେତେ ଫଳମୂଳ ସୁଆଦିଆ ଖାଦ୍ୟ
ଖାଉଥିବ ହାତ ଚାଟି ।
ଜୀବନରେ ଯେବେ ଏକା ଲାଗୁଥିଲା
ଧରିଥିଲି ତା'ର ହାତ
ଅଥଳ ପାଣିରେ ଛାଡ଼ି ଚାଲିଗଲା
ପାଉନାହିଁ ଆଉ କାତ ।
ଏହି ଜନମରେ ସିନା ପାରିଲିନି
ତାକୁ ମୁଁ ନିଜର କରି
ଆଗାମୀ ଜନମେ ସାଥି ହେବାକୁ
ମନେ ଆଶା ଅସୁମାରୀ ।

ସୁନ୍ଦରପୁର,
ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

# ରାତର ଗପ ସରନାହିଁ

ବସନ୍ତ କୁମାର ପାଣିଗ୍ରାହୀ



ଦୂର ଦଗବଳୟକୁ ଚାହିଁ ରହଛି । ଅସ୍ତଗାମୀ ସୂର୍ଯ୍ୟ ନୀଡ଼ ଫେରନ୍ତା ପକ୍ଷୀ ଓ ଆକାଶରେ ସୂର୍ଯ୍ୟଙ୍କର ସୁନେଲୀ କରଣରେ ସୁନେଲୀ ହେଉଥିବା ଭସା ଭସା ମେଘ ଖଣ୍ଡକୁ । ପାହାଡ଼, ପର୍ବତ ଓ ଗୋଧୁଳ ଉଡ଼େଇ ଫେରୁଥିବା ଗୋଧନକୁ । କେତେ ସମୟ ହେବ ମୁଁ ଚାହିଁ ରହଛି ମୋର ମନେ ନାହିଁ, ପ୍ରକୃତସ୍ଥ ହେଲ ବେଳକୁ ଗାଁ ମୁଣ୍ଡ ଠାକୁରାଣୀ ମନ୍ଦିରର ଘଣ୍ଟ ଧ୍ୱନୀ ଶୁଭଲାଣି । ରାସ୍ତା ପାଖ ବତୀଖୁଣ୍ଟରେ ଲାଇଟ୍ ଜଳ ସେମାନଙ୍କର ଉପସ୍ଥିତ ଜାହର କଲେଣି । ସମ୍ଭବତଃ ଏ ମୋତେ ସନ୍ଧ୍ୟା ହେବାର ସୂଚନା ଦେଉଥିଲେ ।

ମନ ଜମା ଭଲ ଲାଗୁନାହିଁ, କଛି ଦନ ହେବ ଗୋଟେ ଲେଖିବାର ନଶା ଘାରଛି ।

କଣ ଗୋଟେ ଲେଖିପକାନ୍ତି...

ବହୁତ ଭାବଲ, କଣ ଲେଖିବ ? ଅନେକ ଭାବଲ, କନ୍ତୁ କଛି ପାଇଲ ନାହିଁ । ମାତ୍ର ମାନସିକ ଭାବେ ସ୍ଥିର କରଥିଲ ଆଜ ରାତରେ ହିଁ ଲେଖିବ ।

ତଥାପି କଛି ଲେଖିପାରୁନାହିଁ, ବହୁତ ଚେଷ୍ଟା କରୁଛି, ଲାଇଟ୍ ଆଲୁଅରେ, ଲଣ୍ଠନ ଆଲୁଅରେ, ମହମବତୀ ଆଲୁଅରେ, ଝରକା ପାଖରେ, ଛାତ ଉପରେ... ହେଲେ ମନକୁ କଛି ଆସୁନାହିଁ...

ଲୋକମାନେ ତ ବହୁତ ଭଲ ଲେଖନ୍ତି, କେହ କେହ ଗପ ତ କେହ କବତା ଲେଖନ୍ତି । ଅତୀତର ସ୍ମୃତକୁ ମନେ ପକାଇ କାନଭାସରେ ଚତ୍ର ଆଙ୍କିବା ହିଁ ତ ଲେଖିବା । ଅବା ମନର କେଉଁ ଅଜଣା ଇଲାକାରେ ସୁପ୍ତ ଅବସ୍ଥାରେ ଥିବା କଛି ଅପାସୋର ଅକୁହା କଥା, ଲେଖନୀର ମୁନ ଦେଇ କାଗଜ

ଉପରକୁ ଆସିଯିବା ହିଁ ଗପ, ଏଇ କଥା ମୋତେ ସେ କହିଥିଲା ।

ଆଜି କାହିଁ ତା' କଥା ଭାରି ମନେ ପଡୁଛି । ଅନେକ ଦିନ ହେଲା ତା'କଥା ମୋତେ ମନେ ପଡିନଥିଲା । ଏଇ ଗପ ଲେଖିବା ନିଶାରେ ସବୁ କିଛି ଭୁଲି ହୋଇଯାଇଥିଲି । କିନ୍ତୁ ସେଦିନ ସେ ମୋ ସ୍ୱପ୍ନରେ ଆସି କହିଥିଲା, 'ମୁଁ ତ ତୁମ ପାଖରେ ଅଛି, ତୁମ ମନରେ, ପ୍ରାଣରେ, ହୃଦୟରେ ଆଉ ତୁମ ନିଶାରେ । କେବେ ବି ମୁଁ ଦୂରେଇ ରହିନାହିଁ ।'

ମୋ ନିଦ ଭାଙ୍ଗିଲେ, ମୋର ବାସ୍ତବତା ମୋତେ ସୂଚେଇ ଦିଏ, ଏଇଟା ମୋର କ୍ଷଣିକ ସୁଖର ସମୟ ଥିଲା ବୋଲି । ଆଜି କେବଳ ସ୍ୱପ୍ନ ଭିତରେ ରହିବାକୁ ଇଚ୍ଛା ହେଉଛି । କାରଣ ସେଠିକି ସେ ସବୁବେଳେ ଆସେ ଆଉ ମୋତେ ଦେଖାକରି ଆଶ୍ୱାସନା ଦେଇଯାଏ ।

ମୋ ବୁଢ଼ୀ ମା'ଙ୍କଠାରୁ ଶୁଣିଥିଲି, ଯିଏ ସେ ପାରିକୁ ଚାଲିଯାଆନ୍ତି, ସେମାନେ ଆକାଶରେ ତାରା ହୋଇଯାଆନ୍ତି । ଆଉ ମୁଁ ବହୁତ ଖୋଜି ଖୋଜି ଆଜି ପାଇଛି ମୋ ତାରାକୁ । ଏଇ ମୋ ଘର ଛାତ ଉପର ଆକାଶରେ । ଆଜି ଅନେକ ଦିନପରେ ଏକାନ୍ତପଣ ଦୂର ହୋଇଛି, ତେଣୁ ଆଜି ଆଉ ଗପ ଲେଖିବି ନାହିଁ । ମୋ ତାରା ସହିତ ବହୁତ ସୁଖଦୁଃଖ ହେବାର ଅଛି । ଆଉ ପଚାରିବାର ଅଛି ସେ ଆଉ ଆଗଭଳି ମୋ ପାଖକୁ ଆସୁନାହିଁ କାହିଁକି ? କାହିଁକି ତା ଅପେକ୍ଷାରେ ମୁଁ ଆଉ ଗପ ଲେଖିପାରୁନାହିଁ...

ମହାବୀର ନଗର, ଭୁବନେଶ୍ୱର

# ଇଣ୍ଡିଆସ୍ ଡଟର୍

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



କାହିଁକି ଆମେ ଲେସ୍‌ଲି ଉଡ୍‌ୱିନଙ୍କ ଇଣ୍ଡିଆସ୍ ଡଟର୍ ଦେଖିବା ଉଚତ ?

ବଗତ କଛି ଦନ ହେଲା ଭାରତରେ ଏକ ଅପୂର୍ବ ଅବସ୍ଥା ଜାରୀ ରହଛି । ବ୍ରିଟିଶ୍ ବ୍ରୋଡ଼କାଷ୍ଟିଂ କର୍ପୋରେସନର ସମ୍ପାଦକା ଲେସ୍‌ଲି ଉଡ଼ୱିନଙ୍କ ଦ୍ୱାର ପ୍ରସ୍ତୁତ ଏକ ପ୍ରାମାଣିକ ଚତ୍ର 'ଇଣ୍ଡିଆସ୍ ଡଟର୍'କୁ ଟିଭ ପରଦାରେ ନ ଦେଖାଇ ଦେବାପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରୀ ରହଛି । ଅବଶ୍ୟ ଏହ ପ୍ରାମାଣିକ ଚତ୍ର ବ୍ରିଟେନରେ ପ୍ରସାରତ ହୋଇସାରଲାଣି, ଏବଂ ଅନେକେ ଏହାକୁ ଦେଖିଲେଣି । ଅନେକେ ଏହାକୁ ଟିଭ ଚ୍ୟାନେଲର ଟିଆର୍‌ପି / ଲୋକପ୍ରିୟତା ବଢ଼ାଇବା ପାଇଁ ଭାରତରେ ଦଣ୍ଡଭୋଗୁଥିବା ଜଣେ ମୃତ୍ୟୁଦଣ୍ଡପ୍ରାପ୍ତ ବଳାତ୍କାରୀର ସାକ୍ଷାତକାର କରାଯାଇଥିବା ଅଭଯୋଗ ମଧ କରୁଛନ୍ତି । ଭାରତୀୟ ଉପମହାଦ୍ୱୀପରେ ଏହ ପ୍ରାମାଣିକ ଚତ୍ରର ପ୍ରଦର୍ଶନ ଉପରେ ଉଚ୍ଚନ୍ୟାୟାଳୟ ଦେଇଥିବା ରାୟକୁ ବଜାୟ ରଖି ଯଦଓ ଏହାକୁ ଭାରତରେ ପ୍ରସାରଣ କରାଯାଉନାହିଁ, କମ୍ବା ୟୁଟ୍ୟୁବ୍ ସାଇଟରେ ବ ଦେଖି ହେଉନାହିଁ, ତଥାପି ଜଗତକରଣର ଏହ ସମୟରେ କୌଣସି ଜନଷ କାହାଠାରୁ ଲୁଗୃଛପା ନାହିଁ । ଭାରତରେ ବ ଅନେକ ବନ୍ଧୁ ଏହ ଚତ୍ରକୁ ଦେଖି ନଜ ମତ ବଭନ୍ନ ଗଣ ମାଧମରେ ଦେଇସାରଲେଣି । ସେମାନେ ଦେଇଥିବା ମତକୁ ଆଧାର କର ମୁଁ ମନେ କରେ ଯେ ଏହ ଚତ୍ରକୁ ଭାରତୀୟ ଦର୍ଶକ ମାନଙ୍କ ପାଇଁ ମଧ ଉନ୍ମୁକ୍ତ କରାଯିବାର ଯଥେଷ୍ଟ କାରଣ ରହଛି ।

ଆପଣ କଣ ଏଥିପାଇଁ କ୍ଷୁବ୍ଧ ଯେ ଜଣେ ଅପରାଧି ବଳାତ୍କାରୀର ସାକ୍ଷାତକାର ନଆଯାଇଛି, ଏବଂ ଏହାକୁ ବଶ୍ୱ ଦର୍ଶକମାନଙ୍କ ସମ୍ମୁଖରେ ଅତରଞ୍ଜିତ କର ପ୍ରଦର୍ଶିତ କରାଯାଉଛି ? ଆପଣ କଣ ଭାବୁଛନ୍ତି, ପୋଲସଦ୍ୱାରା ରୁଜୁ ହୋଇଥିବା ମାମଲାରେ ଦର୍ଶାଯାଇଥିବା ତଥ୍ୟ, ' ଏହ ଚତ୍ରରେ ଅନେକ

ଅଭଦ୍ରୋଚତ ଏବଂ  କପୋଳକଳ୍ପିତ ତଥ୍ୟ ଉପସ୍ଥାପନ କରାଯାଇଛି, ଯାହାଦ୍ୱାରା ସମାଜରେ ଅରାଜକତା ବ୍ୟାପୀପାରେ' ସବୁ ସତ୍ୟ ? ଏବଂ ଆପଣ ଭାବୁଛନ୍ତି ଏହ ପ୍ରକାରର ପ୍ରଶ୍ନର ଅଭିଯୁକ୍ତ ଓ ଦଣ୍ଡପାଉଥିବା ଅପରାଧୀମାନଙ୍କୁ ଦଆଯିବା ଉଚତ ନୁହେଁ ?

ଆପଣ ଜାଣନ୍ତି ଏହ ଚତ୍ରରେ ସ୍ଥଳ ବଶେଷରେ ସାକ୍ଷାତକାର ଦେଉଥିବା ବ୍ୟକ୍ତି ଜଣକ କହୁଛ ଯେ, 'ବଳାତ୍କାର ହେଉଥିବା ସମୟରେ ମହଳା ଜଣକ ପ୍ରତରୋଧ କରବା ଉଚତ ନଥିଲା ।' ଆଶ୍ଚର୍ଯ୍ୟ ଲାଗେନ ଯେ ଏହ ବ୍ୟକ୍ତି ଜଣକ ଆହୁର ମଧ କହୁଛ ଯେ ମହଳା ମାନେ କେବଳ ଘରକାମ, ଘର ଦେଖାଶୁଣା କରବା ପାଇଁ ଉଦ୍ଦିଷ୍ଟ, ସେମାନେ ଡିସ୍କୋ ଆଉ ବାରକୁ ଯିବା ଭୁଲ ।

ବଳାତ୍କାରୀର ସାକ୍ଷାତକାର ଏବଂ ତାର ବସ୍ଫୋଟକାରୀ ବୟାନଠାରୁ ଅଧିକ ଭୟଙ୍କର ଥିଲା ଅପରାଧୀର ଓକଲଙ୍କ ବୟାନ, ଯେଉଁଠି ସେ କହୁଛନ୍ତି ଯେ, 'ଝିଅ ମାନେ ମୂଲ୍ୟବାନ ହୀରା ସଦୃଶ । ସେମାନେ ଯଦ ସମାଜର କୁଢ଼ାଦାନୀରେ ପଡ଼ିବେ ତା'ହେଲେ କୁକୁର ମାନେ ତାକୁ ଆକ୍ରମଣ କର କ୍ଷତ ପହଞ୍ଚାଇବେ ହିଁ ।'  ଓକଲ ଅପରାଧୀ ନୁହନ୍ତି, କମ୍ବା ସେ ଜେଲରେ ନାହାନ୍ତି, ତେଣୁ ସେ ସ୍ୱାଧୀନ ମନ୍ତବ୍ୟ ଦେଇପାରବେ । ଅତ ଉଚ୍ଚ ଶିକ୍ଷିତ ଏବଂ ଉଚ୍ଚନ୍ୟାୟାଳୟରେ ଓକଲାତ କରୁଥିବା ମହାଶୟ ଜଣଙ୍କ ମତରେ, 'ଝିଅମାନେ ହେଉଛନ୍ତି ମିଠା ଆଉ ସେମାନଙ୍କୁ ଏକା ପାଇଲେ କୁକୁରମାନେ ବେଢ଼ି ଖାଇବେ ହିଁ ଖାଇବେ ।' ଜଣେ ଉଚ୍ଚ ଶିକ୍ଷିତ ଭଦ୍ରବ୍ୟକ୍ତି ଯଦ ଏହପ୍ରକାରର ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି, ତା'ହେଲେ ସ୍ୱଳ୍ପ ଶିକ୍ଷିତ ବେକାର ବା ଅଳ୍ପରୋଜଗାର କରୁଥିବା ଅପରାଧୀମାନେ ଆଉ କେତେ ଅଧିକ ଶିକ୍ଷିତ ମନ୍ତବ୍ୟ ଦେଇପାରବେ ? ଏହ ପର ଲୋକଙ୍କ ପ୍ରୋତ୍ସାହନ ଯୋଗୁଁ ହିଁ ଘୃଣ୍ୟ ଅପରାଧ କରବା ସତ୍ତ୍ୱେ ଅପରାଧୀରେ ମୁହଁରେ ସାମାନ୍ୟ ପଶ୍ଚାତାପ ଦେଖାଯାଉନାହିଁ, କମ୍ବା ତାହାର ମତରେ କୌଣସି ପରପକ୍ୱତା ଦେଖାଯାଉନାହିଁ । ସେ ଭାବୁଛ ସେମାନେ କୌଣସି ଅପରାଧ କରନାହାନ୍ତି, କାରଣ ସେ ଝିଅଟା ସେଇୟା ହିଁ ଚାହୁଁଥିଲା । ନହେଲେ ସେ ଏତେ ରାତରେ କାହିଁକ ଏକା ଜଣେ ଅପରଚତ ପୁଅ ସହ ବୁଲୁଥିଲା ?

ବ୍ରିଟିଶ୍ ସାମ୍ବାଦକା ଲେସଲ ଉଡ୍‌ୱିନ୍ ଏହ ପ୍ରାମାଣିକ ଚତ୍ର କାହିଁକ କରଲେ, ବା ଏହାକୁ କାହିଁକ ସେ ବଦେଶରେ ପ୍ରସାରଣ କରାଇଲେ ସେ ସବୁ ବଷୟରେ ଚନ୍ତା କରବା ଛାଡ଼ିଦେଇ ଯଦ ଆମେ ଏହ ଚନ୍ତା କରନ୍ତେ ଯେ ବଳାତ୍କାର ହୁଏ କାହିଁକ ? ଏହାକୁ କଏ କରେ ଏବଂ କାହିଁକ କରେ, କେମିତ

ଏହାକୁ ବନ୍ଦ କରିହେବ... ତାହା ହେଲେ ଆମେ କିଛି ଗଠନମୂଳକ କାର୍ଯ୍ୟ କରିପାରିବା ବୋଲି ମୁଁ ଭାବେ । ଯେତେ ସହାୟତା ଦେଇ ହେଉ, ବା ଆତ୍ମସୁରକ୍ଷା ଟ୍ରେନିଂ ଦେଇ ହେଉ, କିମ୍ବା ରାତିରେ ଏକା ବାହାରେ ନ ବୁଲିବା ବୋଲି ଚେତାବନୀ ଦେଇ ହେଉ, କିମ୍ବା ମୃତ୍ୟୁଦଣ୍ଡ ଦେଇ ହେଉ କୌଣସିମତେ ବଳାତ୍କାର ପରି ଘୃଣ୍ୟ ଅପରାଧକୁ ରୋକିବା ସମ୍ଭବ ହୋଇ ପାରିବନାହିଁ, ଯେତେଦିନ ପୁରୁଷମାନେ ନିଜର ପୁରୁଷତ୍ୱ ମହିଳାମାନଙ୍କ ଉପରେ ଜାହିର କରିବା ବନ୍ଦ କରିବେ ନାହିଁ ।

କେମିତି ହୁଅନ୍ତା ଯଦି ଆମେ ମହିଳା ସୁରକ୍ଷାକୁ ତ୍ୟାଗ ଦେଇ ପୁରୁଷ ମାନଙ୍କ ମାନସିକତାରେ ପରିବର୍ତ୍ତନ ବିଷୟରେ ଚିନ୍ତାଶୀଳ ହୁଅନ୍ତେ । ଯାହାଦ୍ୱାରା ସେମାନେ କଣ୍ଟା ହୋଇ ଫୁଲ ସଦୃଶ ମହିଳାଙ୍କ (ଅପରାଧିଙ୍କ ଓକିଲଙ୍କ ଭାଷାରେ) ଉପରେ ତାଡ଼ନା ବା ଅତ୍ୟାଚାର କରନ୍ତେ ନାହିଁ । କେତେଦିନ ଆଉ ମହିଳାମାନେ ନିଜର ସୁରକ୍ଷାପାଇଁ ପୁରୁଷମାନଙ୍କ ଉପରେ ନିର୍ଭରଶୀଳ ହୋଇ ରହିବେ? ଘରୁ ବାହାରିବା ଠାରୁ ଘରକୁ ଫେରିବା ପର୍ଯ୍ୟନ୍ତ ପ୍ରତି ପାଦରେ ଭୟ ଓ ସଙ୍କୋଚରେ ସମୟ କାଟିବେ ।

ପୁରୁଷମାନଙ୍କୁ ଶିକ୍ଷାର ଆବଶ୍ୟକତା ରହିଛି । ସେମାନଙ୍କୁ ଶିଖାଅ, ସେମାନେ ମହିଳାମାନଙ୍କ ବଳାତ୍କାର କରିବେ ନାହିଁ । ଏଥିପାଇଁ ଆବଶ୍ୟକ ସମ୍ବଳ ଯୋଗାଡ଼ କରି ଖର୍ଚ୍ଚକରି, ହୁଏତ କିଛି ପରିବର୍ତ୍ତନ ଆସିପାରେ । କିନ୍ତୁ ସେ ସବୁ କରିବାପୂର୍ବରୁ ଆମକୁ ଆତ୍ମ ଅନୁଶୀଳନ କରିବାକୁ ପଡ଼ିବ । ଚିନ୍ତାକରି ଦେଖିବାକୁ ପଡ଼ିବ ଯେ କାହିଁକି ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ପୁରୁଷମାନେ ଏତେ ଗମ୍ଭୀରତାର ସହ ନେଉନାହାନ୍ତି ।

କାହିଁକି ପୁରୁଷମାନଙ୍କୁ ଅନ୍ଧାର ପରେ ଘରୁ ବାହାରକୁ ବାହାରିବାପାଇଁ ମନା କରାଯିବନାହିଁ? କାହିଁକି ପୁରୁଷମାନଙ୍କୁ ନିୟନ୍ତ୍ରଣ କରିହୁଏନାହିଁ ? କାହିଁକି କେବଳ ପୁରୁଷମାନଙ୍କୁ ହିଁ ଚିନ୍ତାଶୀଳ, ଶିକ୍ଷିତ, ଚତୁର ଓ ବୁଦ୍ଧିମାନ ବୋଲି ଧରାଯିବ ? ଆମେ ଜଙ୍ଗଲରେ ରହୁନାହୁଁ, ପଶୁମାନଙ୍କ ସହ । ତଥାପି ପଶୁମାନଙ୍କର ବି ବିଚାର କରିବା କ୍ଷମତା ରହିଛି ।

ବର୍ତ୍ତମାନ ସମୟ ଆସିଛି, ପୁରୁଷ ମାନଙ୍କ ପାଇଁ କାର୍ଯ୍ୟକ୍ରମମାନ ହାତକୁ ନେବାକୁ ହେବ । ପୁରୁଷମାନଙ୍କୁ ବଳାତ୍କାରୀ ହେବାରୁ ରକ୍ଷାକରିବାକୁ ପଡ଼ିବ । ସେମାନଙ୍କୁ ବିଳମ୍ବରେ ଘରୁ ବାହାରେ ରହିବାକୁ ମନା କରିବାକୁ ପଡ଼ିବ । ସବୁ ସମୟରେ ସବୁ ସ୍ଥାନରେ ନିଜକୁ ଅଭିଭାବକ ବୋଲି ପ୍ରମାଣିତ କରିବାକୁ ମନାକରିବାକୁ ପଡ଼ିବ ।

ଏହି ସମୟରେ ‘ଇଣ୍ଡିଆସ୍ ଡଟର’ ଭଳି ପ୍ରାମାଣିକ ଚିତ୍ର ଦେଖି ଆମକୁ ଚିନ୍ତାଶୀଳ ହେବାକୁ ପଡ଼ିବ । କାହିଁକି ଏବଂ କେମିତି ଜଣେ ବଳାତ୍କାର କରିବାପାଇଁ ଆଗଭର ହୁଏ ତାହା ବୁଝିବାକୁ ହେବ । ବଳାତ୍କାରୀର ମନୋସ୍ତାତ୍ତ୍ୱିକ ଅବସ୍ଥାକୁ ବୁଝିବାକୁ ହେବ ।

ମୁଁ ଆମ ଦେଶରେ ବଳାତ୍କାର ବନ୍ଦ କରିବାପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହୋଇପାରୁନାହିଁ । ମୋତେ ଏହି ପ୍ରାମାଣିକ ଚିତ୍ର ଦେଖିବାକୁ ଇଚ୍ଛା ହେଉଛି । ମୁଁ ଜାଣିବାକୁ ଚାହେଁ, ବଳାତ୍କାର, ଯୌନଅପରାଧ ଏବଂ ମହିଳାମାନଙ୍କ ଶୋଷଣର କାରଣ କଣ ? ଆମ ଦେଶରେ ପୁରୁଷମାନେ କାହିଁକି ଏମିତି ଘୃଣ୍ୟ ଅପରାଧମାନ କରୁଛନ୍ତି ? କାହିଁକି ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଏକ ପ୍ରବଳ ସମସ୍ୟା, ଯାହାର ଉପଚାର କିଛି ଦେଖାଯାଉନାହିଁ ।

ସବୁ କିଛି ବୁଝି ସାରିବାପରେ ମୁଁ ଏହି ସମସ୍ୟାର ସମାଧାନ ଚାହେଁ । ସେଇଥିପାଇଁ ପାର୍ଲିଆମେଣ୍ଟରେ ବସି ଚିତ୍କାର କଲେ କିଛି ହେବନାହିଁ । ପ୍ରକୃତ କାମ କଣ ତାହା ଧାର୍ଯ୍ୟ କରି କରିବାକୁ ପଡ଼ିବ । ଏହିପରି ପ୍ରାମାଣିକ ଚିତ୍ରକୁ ବନ୍ଦ କରିବାପାଇଁ ମାମଲା ରୁଜୁ କରିଦେଇ ଏହି ପରି ଅପରାଧରେ ସଂଶ୍ଳିଷ୍ଟ ଅପରାଧୀମାନଙ୍କ ମନୋସ୍ତିତିକୁ ସର୍ବସମ୍ମୁଖରେ ଜାହିର ହେବାକୁ ଦେବା ମନା କରି ଅଧିକ ଅପରାଧ କରୁଛି । ବର୍ତ୍ତମାନ ସମୟ ଆସିଛି, ସମଗ୍ର ବିଶ୍ୱକୁ ଦେଖିବାକୁ, ଯେ ଅପରାଧିମାନେ କେତେ ନିଷ୍ଠୁର ହୋଇପାରନ୍ତି, କେତେ ପାଗଳ ଓ କେତେ ମାନସିକଭାବେ ବିକୃତ ହୋଇପାରନ୍ତି । ଏହି ବ୍ୟକ୍ତିମାନଙ୍କର ମସ୍ତିଷ୍କର ସମ୍ପୂର୍ଣ୍ଣ ବ୍ୟବଚ୍ଛେଦ କରି ଜାଣିବାକୁ ହେବ ଏହି ସମସ୍ୟାର ଚେର କେଉଁଠି ।

ଆଜି ନିର୍ଭୟାର ଛବି ବିକୃତ ହେବ ବୋଲି କହି ଏହି ଚିତ୍ରକୁ ପ୍ରଦର୍ଶନ କରାଯାଉନାହିଁ, କିନ୍ତୁ ମୋ ମତରେ ଏହି ଛବିକୁ ପ୍ରଦର୍ଶନକଲେ ଅପରାଧୀ ମାନସିକତାକୁ ଚିହ୍ନି ଏହାର ଚିକିତ୍ସା କରିବା ହୁଏତ ସମ୍ଭବ ହୋଇପାରେ, ଏବଂ ଏହାପରେ ନିର୍ଭୟାପରି ଅନ୍ୟ କୌଣସି ଝିଅକୁ ଅକାଳରେ ମୃତ୍ୟୁବରଣ କରିବାକୁ ନ ପଡ଼ିପାରେ । ଏବଂ ଏହି ଚିତ୍ର ଦେଖାଇ ଆମେ ବାସ୍ତବରେ ନିର୍ଭୟାର ଆତ୍ମାକୁ ପ୍ରକୃତ ଶ୍ରଦ୍ଧାଞ୍ଜଳୀ ଦେଇପାରିବା । ଆମ ଦେଶରୁ ଏବଂ ଅପରାଧିଙ୍କ ମସ୍ତିଷ୍କରୁ ଅପରାଧର ମଞ୍ଜିକୁ ଦୂର କରିପାରିବା ।

# ଗର୍ଭ ଚିତ୍କାର

ରଞ୍ଜନ କୁମାର ସ୍ୱାଇଁ

ପାସୋରି ଗଲି କି ସେଇ ମାଆ କୋଳର ଉଷ୍ମତା,
ତା' ଗର୍ଭଯନ୍ତ୍ରଣା, ତା' ଆଖି ଲୁହର ଆର୍ଦ୍ରତା ।

ଯା' ଅମୃତ ରସ ପାଇଁ କୁଆଁ କୁଆଁ କାନ୍ଦ,
ତା'କୋଳରେ ବୁଲି ବୁଲି ଦେଖିଥିବା ଚାନ୍ଦ ।

ରାତି ରାତି ଉଜାଗର,ତା'ବ୍ରତ ଉପବାସ,
ପେଟମାରି ଖୁଆଇବା, ଲୁଚାଇବା ଦୋଷ ।

ଯା'ହାତ ଧରି ଦିନେ ଶିଖିଥିଲି ଚାଲି,
ସ୍ନେହଭରା ଚୁମ୍ବନରେ ପଡ଼ିଥିଲି ନାଲି ।

ଛୋଟ ଆଘାତରେ ଯା'ଆଖି ଲୁହର ବନ୍ୟା,
ଆଉ କେହି ନୁହେଁ, ସିଏ ଜଣେ କନ୍ୟା ।

ପାସୋରି ଗଲିକି ସେଇ ଭଉଣୀର ସ୍ନେହ,
ମିଠା ମିଠା କଥା ଆଉ ଫୁଲାଣିଆ ମୁହଁ ।

ହାତ ଟେକି ବାନ୍ଧିଥିବା ସୁନ୍ଦରିଆ ରାକ୍ଷୀ,
ବିପଦରେ ଠିଆ ହେବ, ଭଗବାନ ସାକ୍ଷୀ ।

ଯା'ଠାରେ ଦିନରାତି ଜୋର ଛଡୁଥିଲି,
ଇଏ କରି, ସିଏ କରି କେତେ କ'ଣ ଗେଲି ।

ସୁଖେ ଦୁଃଖେ ଯା'ପାଇଁ ପଡୁଥିଲା ଡାକ,

ମନ କଥା କହୁଥିଲ, ବାଣ୍ଟୁଥିଲ ଦୁଃଖ ।

ବିପଦରେ ବହିଯାଏ, ଯା'ଆଖିର ଲୁହ,
ଆଉ କେହି ନୁହେଁ, ସିଏ ଜଣେ ଝିଅ ।

ପାସୋରିଗଲକି ସେଇ ସୌନ୍ଦର୍ଯ୍ୟର ଦେବୀ,
ଯା'ସାନ୍ନିଧ୍ୟପାଇଁ ଧାଇଁଥିଲ ଭାବନାରେ ଡୁବି ।

ଯୌବନ ସୌନ୍ଦର୍ଯ୍ୟ ଯା'ର ମନମୁଗ୍ଧ କଲା,
ପ୍ରେମଭରା ଆଲିଙ୍ଗନ ଶୀତଳତା ଦେଲା ।

ଲୁଚି ଲୁଚି ଲେଖୁଥିବା ସେଇ ପ୍ରେମପତ୍ର,
ନ ମାନିଲ ଜାତିବର୍ଣ୍ଣ, ନ ମାନିଲ ଗୋତ୍ର ।

ମିଠା ମିଠା ଲାଗୁଥିବା ସେ ଗ୍ରୈର ସମୟ,
ପ୍ରେମର ଶକ୍ତି ଆଗରେ କିଛି ନାହିଁ ଭୟ ।

ନ ଦେଖିଲେ ବହିଯାଏ ଯା' ଲୁହର ବନ୍ୟା,
ସେ ପ୍ରିୟା, କେହି ନୁହେଁ, ଅଟେ ଜଣେ କନ୍ୟା ।

ପାସୋରି ଗଲକି ସେଇ ବଧୂ ଲାଜକୁଳି,
ସାତଫେରା ନେଇଥିଲ ହୋମ ନିଆଁ ଜାଳି ।

ଓଢ଼ଣୀ ଟେକିଣ ଯା'ର ଦେଖିଥିଲ ମୁଖ,
ଭେଟି ଦେଇ ପାଇଥିଲ ଚଉଠିର ସୁଖ ।

ଗର୍ଭ କଷ୍ଟ ସହି ଯିଏ, ବଂଶ ରକ୍ଷା କଲା,
ବାପଘର ସ୍ମୃତି ସବୁ ଲିଭେଇଣ ଦେଲା ।

ଦିନ ରାତି ସେବା କରି ହରେ ଯିଏ ରୋଗ,
ଯା' ହାଣ୍ଡିଶାଳେ ହୁଏ ଛପନ ଭୋଗ ।

ସବୁ ଦୁଃଖ ସହିଯାଏ ମୁଣ୍ଡ ପାତ ପାତ,
ଆମରଣ ଯିଏ ଅଟେ ଏକମାତ୍ର ସାଥୀ ।

କଷ୍ଟରେ ଦେଖିଲେ ଯା'ର, ବହିଯାଏ ଲୁହ,
ସେ ଘରଣୀ କେହି ନୁହେଁ, ଅଟେ ଜଣେ ଝିଅ ।

ଶୁଣ ଶୁଣ ମାଆ, ବାପା, ଶୁଣ ଦାଦା ଦାଦି,
ମୁହିଁ ମାଆ, ମୁହିଁ ପ୍ରିୟା, ସ୍ତ୍ରୀ. ଭଉଣୀ, ଇତ୍ୟାଦି ।

ଶିକ୍ଷାଦୀକ୍ଷା ଦେଇ ଥରେ କର ଦେଖ ଯୋଗ୍ୟ,
ବାର୍ଦ୍ଧକ୍ୟର ଲାଠି ହେବ, ବଦଳିବ ଭାଗ୍ୟ ।

ପୁତ୍ରପର ଅଛି ମୋର ଅସୀମ କ୍ଷମତା,
ଦୁର୍ଗା କେବେ, ଲକ୍ଷ୍ମୀ କେବେ, କେବେ ସତୀ ସୀତା ।

ଶିକ୍ଷକ, ଡାକ୍ତର ଆଉ କେବେ ରାଷ୍ଟ୍ରପତି,
ଅନ୍ତରୀକ୍ଷ ଯିବାପାଇଁ ଥରେନାହିଁ ଛାତି ।

ମାରନା ମାରନା ମୋତେ କର ମୋ ବଞ୍ଚାର,
କନ୍ୟାଭ୍ରୁଣ କରେ ଏଠି ଗର୍ଭରୁ ଚିତ୍କାର ।

ଆଜମାବାଦ, ଚନ୍ଦ୍ରାଗଡ଼ି, ବାଲେଶ୍ୱର, ୭୫୬୦୦୧
ମୋ : ୦୭୮୯୦୩୩୬୬୧୫

# ଆଶାରେ ନିରାଶା

ସରତା ପଣ୍ଡା



ପୂରୀ ଜିଲ୍ଲାରେ ଅବସ୍ଥିତ କାଶିପୁର ନାମକ ଏକ ଗାଁ, ଏହ ଗ୍ରାମରେ ଅନେକ ପରବାର ବସତ ସ୍ଥାପନ କରଛନ୍ତ, ସେଥି ମଧ୍ୟରୁ ଗୋଟିଏ ହେଉଛନ୍ତ ଘନଶ୍ୟାମର ପରବାର । ସ୍ତ୍ରୀ ମଣି, ତନୋଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନକୁ ନେଇ ସମ୍ପୂର୍ଣ୍ଣ ହେଉଛ ଘନଶ୍ୟାମର ପରବାର । ବବାହ ପୂର୍ବରୁ ଘନଶ୍ୟାମ ମୁଲ ଲଗି ପରବାର ପ୍ରତପୋଷଣ କରୁଥିଲ । ବବାହ ପରେ ସେ ଅନେକ ଉନ୍ନତ କରଛ । ଅକ୍ଲାନ୍ତ ପରଶ୍ରମ ଦ୍ୱାରା ସେ ଏତେ ବଡ଼ ପରବାରକୁ ପାଳପୋଷି ଚଳେଇପାରୁଛ । ଗାଁରେ କଛ ଜମିରେ ଭାଗଚାଷ କରୁଛ, ଦର ଶସ୍ତା ଥିବା ବେଳେ ଧାନ କିଣି ଦର ବଢ଼ିଲେ ବକ୍ରୀକର କଛ ଅର୍ଥ ରୋଜଗାର କରୁଛ । ମଣି ମଧ ଘନର ସହତ ମିଶି ପରଶ୍ରମ କରୁଛ । ଘର ବାଡ଼ିରେ ଅନେକ ପନପରବାର ସମ୍ଭାର ଦୁହିଁଙ୍କର ପରଶ୍ରମର ଫଳ । ପିଲାମାନେ ସବୁ ପାଠ ପଢୁଛନ୍ତ । ବଡ଼ ପୁଅ ପରଶୁ ମାଟ୍ରିକ୍ ପଢୁଛ, ମଝିଆ ଯୋଗେନ୍ଦ୍ର ସପ୍ତମରେ ଏବଂ ସାନପୁଅ ସମ୍ବିତ୍ ବର୍ତ୍ତମାନ ତୃତୀୟ ଶ୍ରେଣୀରେ ପଢୁଛ । ସାନ ଝିଅ ସୁଷା ବଦ୍ୟାରମ୍ଭ କରନାହିଁ । ବଡ଼ପୁଅ ପରଶୁ ଅତ୍ୟନ୍ତ ସଂସ୍କାରୀ, ବୁଦ୍ଧିମାନ, ବବେକୀ ଓ ଶାନ୍ତ ସ୍ୱଭାବର । ବାପାମାଆଙ୍କୁ ଯେମିତ ମାନ୍ୟ, ସାନ ଭାଇ ଭଉଣୀକୁ ସେମିତ ସ୍ନେହ ଓ ମମତା କରେ । ମଝିଆ ପୁଅର ପାଠ ଭଲ ହୁଏନାହିଁ । ଦନସାରା ଏଣେତେଣେ ବୁଲବା, ଗାଁ ପିଲାଙ୍କ ସହ ବସି ଖେଳବା, ପୋଖରୀରେ ପହଁରବା ଇତ୍ୟାଦ ତା'ର ନତଦନଆ କାମ । ସାନପୁଅ ସମ୍ବିତ ଚୁପଚାପ ସ୍ୱଭାବର ।

ଦନସାରା କାମଧାମରେ ବ୍ୟସ୍ତ ରହ ମଣିପାଖରେ ବେଶୀ ସମୟ କାଟିପାରେନ ଘନଶ୍ୟାମ । ମଣିର ସମସ୍ତ ଆଶା ଓ ଭରସା ବଡ଼ପୁଅ ପରଶୁ ପାଖରେ । ମା ଓ ପୁଅ ଦୁଇଙ୍କ ମଧ୍ୟରେ ସାଙ୍ଗପର

ସମ୍ପର୍କ । ପୁଅକୁ କ୍ଷଣେ ନ ଦେଖିଲେ ରହିପାରେନି ମଣି । ସ୍କୁଲରେ ଅର୍ଦ୍ଧବାର୍ଷିକ ସରିଲାଣି, ପରଶୁ ଘରେ ବସି ବାର୍ଷିକ ପରୀକ୍ଷା ପାଇଁ ପଢ଼ାପଢ଼ି କରୁଛି । ଘରେ ବସି ବସି ପଢ଼ିବା ସହିତ ମା ଆଉ ସାନଭଉଣୀ ସୁଷା ସହ ସମୟ ବିତୁଛି ତା'ର । ସୁଷାକୁ ଅତ୍ୟନ୍ତ ଭଲପାଏ ପରଶୁ ।

ମନରେ ତା'ର ଅନେକ ସ୍ୱପ୍ନ । ବହୁତ ପାଠ ପଢ଼ିବ ବଡ଼ ଚାକିରୀ କରିବ । ବାପାଙ୍କ ସହ ମିଶି ସାନ ଭାଇଭଉଣୀଙ୍କୁ ବଡ଼ ମଣିଷ କରିବ । ଏବଂ ଶେଷରେ ଉପଯୁକ୍ତ ବରପାତ୍ର ଦେଖି ସାନଭଉଣୀର ବିବାହ କରିଦେବ । ଏହିପରି ଦିନପରେ ଦିନ ବିତିଯାଏ ।

ଦିନକର ଘଟଣା । ପରଶୁ ଦାଣ୍ଡଘରେ ବସି ପାଠ ପଢୁଛି । ସାନଭାଇ ଦୁଇଜଣ ସ୍କୁଲ୍ ଯାଇଛନ୍ତି । ବାଡ଼ି ବଗିଚାରେ ମା ଆଉ ସୁଷା ଥିବା ବେଳେ ସାପକାମୁଡ଼ାରେ ଆହତ ହୁଅନ୍ତି ମଣି ଓ ସୁଷା । ଆଉ କେହି ଜାଣିବା ପୂର୍ବରୁ ସେମାନେ ଶେଷ ନିଶ୍ୱାସ ତ୍ୟାଗ କରନ୍ତି । ବାରମ୍ବାର ଡାକ ଦେବାସତ୍ତ୍ୱେ କୌଣସି ଉତ୍ତର ନ ପାଇବାରୁ ବାଡ଼ିପଟକୁ ଯାଇ ପରଶୁ ଦେଖେ ନିଜ ମା ଆଉ ଅଲିଅଳି ଭଉଣୀର ମୃତଦେହ । ସନ୍ଧ୍ୟା ହେଉ ହେଉ ଘରଟା ଶୁନଶାନ ହୋଇଯାଏ । ଘନଶ୍ୟାମକୁ ଚାରିଆଡ଼ ଅନ୍ଧକାର ଦେଖାଦିଏ । ମା ଆଉ ସୁଷାର ଚିନ୍ତାରେ ପରଶୁର ପାଠପଢ଼ା ହୋଇପାରେନି । ମେଟ୍ରିକ୍ ପରୀକ୍ଷା ଦେବାସତ୍ତ୍ୱେ ସେତେଭଲ ଫଳ ପାଏନି, ଏଣେ ଗାଁରେ ଘରେ ବାହାରେ ସବୁବେଳେ ମା ଆଉ ସାନଭଉଣୀ କଥା ମନେ ପଡ଼ିବା ଦ୍ୱାରା ସେ ମାନସିକ ଶାନ୍ତି ଅଭାବରୁ ସହରକୁ ଯାଇ ସେଠାରେ ରହି ଚାକିରୀ କରି ପାଠପଢ଼ିବା କଥା ପିତା ଘନଶ୍ୟାମକୁ ଜଣାଏ ।

ମେଟ୍ରିକରେ କମ୍ ସଂଖ୍ୟାରେ ପାସ୍ କରିଥିବା ପରଶୁକୁ ସହରରେ କେଉଁଠି ଚାକିରୀ ମିଳିବ, ସେ କେମିତି ପଢ଼ିବ ଏ ସବୁ ଚିନ୍ତାରେ ଘନଶ୍ୟାମ ଆହୁରି ଦୁର୍ବଳ ହୋଇପଡ଼େ ।

ସୌଭାଗ୍ୟବଶତଃ ଗ୍ରାମର ଜନୈକ ଭଦ୍ରବ୍ୟକ୍ତି ଅଶୋକ ମହାପାତ୍ର, ଯାହାଙ୍କର ଚାଷଜମିରେ ଘନଶ୍ୟାମ ଭାଗଚାଷ କରେ, ସେ ଗ୍ରାମକୁ ଆସିଥିବା ସମୟରେ ଘନଶ୍ୟାମ ନିଜ ସୁଖଦୁଃଖ କଥା ତାଙ୍କୁ କୁହେ । ମଣି ଆଉ ସୁଷା ଯାହା ବି ଆୟୁ ନେଇ ଆସିଥିଲେ, ସେତିକି ସେ ପୁରା ନ କରି ଫେରିଗଲେ । ଘରେ ତିନି ତିନିଟା ପୁଅ, ମୁଁ ଏକା କେମିତି ସେମାନଙ୍କ ଦେଖାଶୁଣା କରିବି, ଜାଣିପାରୁନି, ଏଇ ସମୟରେ ପରଶୁ କହୁଛି ସହରକୁ ଯିବ, ସେଠି ନିଜେ ଚାକିରୀକରି ପାଠ ପଢ଼ିବ । ମୋ ମୁଣ୍ଡରେ କିଛି

ବୁଦ୍ଧି ପଶୁନ । ଅଶୋକ ବାବୁ ବହୁ ଚନ୍ତାକରବା ପରେ କହଲେ, ଠିକ୍ ଅଛ, ପରଶୁକୁ ସହରରେ ଛୋଟମୋଟ୍ ଗୃକରୀ କରେଇଦେବା ଦାୟିତ୍ୱ ମୋର । ବାକ ଯଦ ସେ ନଜ ଗୋଡ଼ରେ ନଜେ ଠିଆ ହୋଇପାରଲା ତ ତା ଭଗ୍ୟ । ଘନଶ୍ୟାମ ବହୁତ ଖୁଶି ହୋଇଯାଇଥିଲା ।

ଦେଖୁ ଦେଖୁ ସେ ଦନ ବ ଆସିଗଲା, ଯେତେବେଳେ ପରଶୁକୁ ଗାଁ ଛାଡ଼ି ସହର ଯିବାକୁ ପଡ଼ିଲା । ପିତାଙ୍କ ଆଶୀର୍ବାଦ, ମା'ଙ୍କ ଫଟୋ ସମ୍ମୁଖରେ ଠିଆହୋଇ ଲୋତକଭରା ଆଖିରେ ବଦାୟ ନେଇଥିଲା, ମନେ ମନେ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିଲା ସେ । ଅଶୋକ ବାବୁଙ୍କ ଦୟାରୁ ଭୁବନେଶ୍ୱରରେ ତା ପାଇଁ ଗୋଟିଏ ଛୋଟ ଗୃକରୀ ଓ ରହବା ବ୍ୟବସ୍ଥା କରଦଆ ଯାଇଥିଲା । ସେ ଜାଣିଥିଲା, ଏଇ ଭୁବନେଶ୍ୱରରେ ହିଁ ତା ଜୀବନର ପଥ ବଦଳବ । ତା'ମନର ସବୁ ଆଶା ଆକାଂକ୍ଷା କେବଳ ଏହ ସହର ପୁରଣ କରବ । ଦନରତ ଏକ କର ସେ ଲାଗିପଡ଼ିଛ, କାମ କରବା ଏବଂ ସନ୍ଧ୍ୟାରେ କଲେଜରେ ପାଠପଢ଼ିବାରେ । ଦେଖୁ ଦେଖୁ ଅନେକ ବର୍ଷ ବତଯାଇଛ । ପାଞ୍ଚଟା ବର୍ଷ କେମିତ ବତଗଲା କଛ ଜାଣିହେଉନ । ବଏ ପାସ କର ପରଶୁ ଏକ ଅଫିସରେ କନଷ୍ଠ କରଣୀ ଭବରେ ଗୃକରୀ କରୁଛ । ସରକାରୀ କ୍ୱାର୍ଟରରେ ରହୁଛ । କଲୋନୀରେ ସମସ୍ତଙ୍କ ପ୍ରିୟ ପରଶୁ । ତାର ଭଦ୍ର ଅମାୟିକ ବ୍ୟବହାରରେ ସମସ୍ତେ ତା ପ୍ରତ ଖୁଶି । ତେଣେ ବଢ଼ିଲା ପୁଅ, ବବାହ ବୟସ ହେଲାଣି ଦେଖି ଘନଶ୍ୟାମ ଯେତେଥର ବବାହ କଥା କହେ, ପରଶୁ ସିଧା ସିଧା ମନା କରଦେଇ କହେ, ସେ ବବାହ କରବ ନାହିଁ ।

ତେଣେ ସାନଭଇ ଯୋଗେନ୍ଦ୍ର ବାରମ୍ବାର ମେଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାପରେ ପରଶୁର ପରାମର୍ଶରେ ଆନ୍ଧ୍ରା ମେଟ୍ରିକ୍ ପରୀକ୍ଷା ଦେଇ ପାସ କରେ ସତ କନ୍ତୁ ପାଠ ପଢ଼ାରେ ତା'ର ମନ ନଥାଏ । ଏହପର ଅବସ୍ଥାରେ ସେ ଗାଁର ଗୋଟିଏ ଝିଅ ନତାକୁ ଭଲପାଇ ବବାହକରବା ପ୍ରତଶୃତ ଦେଇଥାଏ ।

ନଜ ଘର ଓ ଅଫିସରେ ସମସ୍ତଙ୍କର ପ୍ରିୟ ପରଶୁ ଅଫିସରେ ଦନେ ଜଏନ ହୁଏ ଜୀତେନ୍ । ଜଣେ ଭଦ୍ର ଯୁବକ । ସେ ଖୁବ୍ କମ ସମୟରେ ସମସ୍ତଙ୍କ ଆସ୍ଥାଭାଜନ ହୋଇପାରେ, ହେଲେ ଅନେକ ସମୟରେ ମନମାର ଥିବା ଦେଖି ପରଶୁ ଦନେ ପ୍ରଶ୍ନକରେ, ଏବଂ ସେ ଉତ୍ତର ଦଏ : ଆଜ୍ଞା, ମୁଁ ରହେ

ଆମ ଗାଁରେ, ପ୍ରତିଦିନ ବସ୍‌ରେ ଯିବା ଆସିବାପରେ, ମୁଁ ପାଉଥିବା ଦରମାର ସିଂହଭାଗ ଗ୍ଭଲିଯାଏ, ଆଉ ପରିଶ୍ରମ ବି ହୁଏ । ଏହା ଶୁଣି ପରଶୁ କହେ, ମୋ କ୍ୱାର୍ଟରରେ ମୁଁ ଏକା ରହୁଛି, ଯଦି ଗ୍ଭହୁଁଛ, ତୁମେ ଆସି ରହିପାର । ଏହା ଶୁଣି ଜୀତେନ୍ ଗଦଗଦ ହୋଇ ପରଶୁର ପାଦ ଛୁଇଁ ପ୍ରଣିପାତ କରେ । ଧିରେ ଧିରେ ଜୀତେନ୍ ପରଶୁଘରେ ରହି ତା ଖାଇବାପିଇବା ବ୍ୟବସ୍ଥା ସମେତ ସବୁ ଭଲମନ୍ଦ ବୁଝାସୁଝା କରିବାରେ ଲାଗିଯାଏ । ଦିନ ସବୁ ଖୁସିରେ ବିତୁଥିବା ବେଳେ ଯୋଗେନ୍ଦ୍ର ଏକ ପରିଜାତି ଝିଅକୁ ଭଲପାଇବା କଥା ଘନଶ୍ୟାମକୁ ଭଲଲାଗେନି, ତେଣୁ ସେ ପରଶୁକୁ ପତ୍ରଲେଖି ଯୋଗେନ୍ଦ୍ରପାଇଁ କିଛି ଗ୍ଭକିରୀର ଯୋଗାଡ଼ କରିବାକୁ କହନ୍ତି ।

ଯେଉଁ ଅଶୋକ ବାବୁଙ୍କ ଦୟାରୁ ପରଶୁ ଆଜି ଏତେବାଟ ଆସି ପହଞ୍ଚିଛି, ସେ ପୁଣି ସହାୟତା କରନ୍ତି, ଅବଶ୍ୟ ଯୋଗେନ୍ଦ୍ରକୁ ଉଚ୍ଚଦରମାର ଗ୍ଭକିରୀ ମିଳେନି, କିନ୍ତୁ ପୁରୀରେ ଗୋଟିଏ ଅଫିସରେ ପିଉନ୍ ପଦବୀଟିଏ ମିଳେ । ସେ ବାଧିହୋଇ ପୁରୀରେ ଛୋଟ ଘରଟିଏ ଭଡ଼ାନେଇ ରହେ ଆଉ ଗ୍ଭକିରୀରେ ମନଦେବା ଶିଖେ । କିନ୍ତୁ ନିତାକଥା ମନରୁ ଭୁଲିଇ ପାରେନି ଏବଂ ଦିନେ ସେ ଗାଁକୁ ଯାଇ ନିତାକୁ ସାଥିରେ ନେଇ ଆସି ବିବାହ ରେଜିଷ୍ଟ୍ରାର୍ ଅଫିସରେ ବିବାହ କରିପକାଏ । ଏହି ଘଟଣା ଘନଶ୍ୟାମକୁ ବହୁତ ଆଘାତ ଦିଏ, କିନ୍ତୁ ସମୟ ଥାଉ ଥାଉ ପରଶୁ ବାପାକୁ ବୁଝାସୁଝା କରି ଗାଁରେ ଭୋଜିଭାତର ଆୟୋଜନ କରେ । ନିଜେ ଅର୍ଥଦାନ କରି ଭୋଜିଭାତ, ଲୁଗା, ଗହଣା ସବୁ କିଣେ । ସେ ନିଜେ ବିବାହ ନ କଲେ କିଣ ହେଲା, ସାନଭାଇ ବିବାହ କରି ତାଙ୍କ ବଂଶକୁ ଆଗକୁ ବଢ଼ାଇବ । ଆଉ ଘର ଚଳେଇବାପାଇଁ ଯୋଗେନ୍ଦ୍ରକୁ ସବୁବେଳେ କିଛି କିଛି ସାହାଯ୍ୟ କରେ ।

ତେଣେ ଭୁବନେଶ୍ୱରରେ ଜୀତେନ୍ ନିଜପାଇଁ ରହିବା ବନ୍ଦୋବସ୍ତ କରିବା ସତ୍ତ୍ୱେ ପ୍ରତିଦିନ ପରଶୁକୁ ସାଇକେଲରେ ବସେଇ ଅଫିସ ନେବାଆଣିବା କରୁଥାଏ । ସାନ ଭାଇ ସମ୍ବିତ ଭଲ ପଢୁଥିବା ହେତୁ ସେ ଗାଁ ପାଖ ଏକ ପ୍ରାଇଭେଟ୍ କଲେଜରେ ଗ୍ଭକିରୀ କରିପାରିଛି । ତା' ବିବାହ ମଧ ବହୁତ ଧୁମଧାମରେ ପରଶୁ କରାଏ । ସୁଶ୍ରୀ ନାମକ ଜଣେ ଭଲଝିଅ ଦେଖି ସମ୍ବିତର ବିବାହ ସମାପନ ହୁଏ । ଘନଶ୍ୟାମ ବର୍ତ୍ତମାନ ପରିଣତ ବୟସରେ ଉପନୀତ । ଭଗଗ୍ଭଷ କରିବା ଭଳି ସାହାସ ଓ ବଳ ନାହିଁ, ତେଣୁ ସେ କେବଳ ଧାନ କିଣାବିକା ବ୍ୟାପାର କରେ । ସୁଶ୍ରୀ ଆସିବାପରେ ଘରେ ଅନେକ କାମ

ସହଜ ହୋଇଯାଏ, ସତ ହେଲେ ସୁଶ୍ରୀ ଶ୍ବାସରୋଗୀ ବୋଲି ବିଶେଷ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ଘରେ ଧାନବସ୍ତା ରଖାଥିବା କରିବା ହେତୁ ସୁଶ୍ରୀର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଉଥାଏ, ତେଣୁ ସୁଶ୍ରୀ ବେଳେ ବେଳେ ଶଶୁର ଘନଶ୍ୟାମ ଉପରେ ବିରକ୍ତି ପ୍ରକାଶ କରେ ।

ପରଶୁ ଭୁବନେଶ୍ୱରରେ ଗୃହକରୀ କରି ଜାଗାଖଣ୍ଡେ କିଣି ତିନିମହଲାର ଘରଟିଏ ତିଆରି କରିଲାଣି । ଦୁଇମହଲାରେ ଦୁଇ ଭାଇ ରହିବେ ଆଉ ଗୋଟିଏ ମହଲାରେ ସେ ପିତା ଘନଶ୍ୟାମ ସହ ରହିବ । ତେଣେ ଯୋଗେନ୍ଦ୍ରର ଦୁଇଟି ସନ୍ତାନଜନ୍ମ ହୋଇଛନ୍ତି, ପୁଅଟିଏ ଏବଂ ଝିଅଟିଏ । ସମ୍ବିତ ଆଉ ସୁଶ୍ରୀଙ୍କର ଗୋଟିଏ ପୁଅ ଜନ୍ମ ହୋଇଛି, ହେଲେ ପୁଅ ଜନ୍ମହେବାପରେ ସୁଶ୍ରୀର ଅବସ୍ଥା ଖରାପ ହୋଇଛି, ଏବେ ଏବେ ସେ ଅଧିକ ଶ୍ବାସରୋଗରେ ଆକ୍ରାନ୍ତ ହେଉଛି, ଏଥିପାଇଁ ସମ୍ବିତ ଓ ସୁଶ୍ରୀ ଅନେକଥର ଘନଶ୍ୟାମକୁ ଘରେ ଧାନ ନ ରଖିବାପାଇଁ କହିଛନ୍ତି, ହେଲେ ଭଲ ବ୍ୟବସାୟ ହେଉଥିବାରୁ ସେ ସେମାନଙ୍କ କଥାକୁ ମହତ୍ତ୍ୱ ଦେଉନି । କିନ୍ତୁ ପରଶୁ ଗାଁକୁ ଆସି ବୁଝାଇବା ପରେ ଧାନ ବ୍ୟବସାୟ ବନ୍ଦ ହୋଇଛି । କାମିକା ଲୋକ ଘନଶ୍ୟାମ ବର୍ତ୍ତମାନ ହାତଗୋଡ଼ ବାନ୍ଧି ଘର ଦୁଆରେ ବସିବା ଛଡ଼ା ଆଉ କିଛି କରୁନାହିଁ । ଦେଖୁ ଦେଖୁ ରୋଗଗ୍ରସ୍ତ ହୋଇଗଲେ ଘନଶ୍ୟାମ । ଶଯ୍ୟାସାୟୀ ଘନଶ୍ୟାମର ଅବସ୍ଥା ଦିନକୁଦିନ ଖରାପ ହେବାରେ ଲାଗିଛି ।

କେତେଦିନ ଆଉ ସହିଥାନ୍ତା ସୁଶ୍ରୀ, ଯାହା ହେଲେ ବି ପରଝିଅ । ଦିନେ ସେ ସମ୍ବିତକୁ ରୋକଠୋକ୍ କହିଦେଲା, ତୁମେ ତୁମ ବାପାଙ୍କ ଚିକିତ୍ସା କେଉଁଠି କରଉଛ, କର । ମୁଁ ଆଉ ପାରିବିନି । ସବୁଦିନ ଝାଡ଼ାପରିସ୍ରା ସଫାକରି କରି ମୋତେ ରୋଗୀଣା ଭଳି ଲାଗିଲାଣି । ମୁଁ କଣ ଏକା ଅଛି କି ? ନିତା ନାନଙ୍କୁ ବି ତ କିଛି କରିବା ଦର୍କାର । ତମେ ନେଇ ବାପାଙ୍କୁ ମଝିଆ ଭାଇଙ୍କ ଘରେ ଛାଡ଼ିଦେଇ ଆସ । ଅସୁବିଧାରେ ପଡ଼ିଲା ସମ୍ବିତ, ଅଗତ୍ୟା ସେ ପରଶୁକୁ ଫୋନ କରି ବାପାଙ୍କ ଅବସ୍ଥା ବିଷୟରେ କହି ଜଣେଇଦେଲା ଯେ ସୁଶ୍ରୀର ଶ୍ବାସରୋଗ ଥିବା ହେତୁ ସେ ସେବା କରିପାରୁନି, ଯଦି ଯୋଗେନ୍ଦ୍ର ଭାଇ ବାପାଙ୍କ ଦେଖାଚାହାଁ କରନ୍ତେ, ତେବେ ଭଲ ହୁଅନ୍ତା ।

ପରଶୁ ଯୋଗେନ୍ଦ୍ରକୁ ଫୋନରେ ସବୁ କଥା କହିଲା ପରେ ସେ କହେ ବାପାଙ୍କୁ ଆଣି ଏଠାରେ ଛାଡ଼ିଦିଅ । ହେଲେ ମନେ ମନେ ଚିନ୍ତାକରେ, ନିତାକୁ କଣ କହିବ ? ସେମିତିରେ ବି ବିବାହ ପରେ

ବାପା ତାକୁ ବୋକୁ ବୋଲି କେବେ ସ୍ୱୀକାର କରିନଥିଲେ ବୋଲି ସବୁବେଳେ ସେ ଶଣ୍ଢଣା ଦେଉଛି । ସେ ବାପାଙ୍କ କଥା ଘରେ କହିବା ପରେ ନିତା ଉଚ୍ଚସ୍ୱରରେ ଚିଲ୍ଲେଇ ଉଠିଲା, ସେ ଶଶୁର ଫଶୁର କିଏ ମୁଁ ଜାଣେନି । ବାହା ହେଲାବେଳେ ତ ବୋହୁ ବୋଲି ସ୍ୱୀକାର କରିନଥିଲେ, ଏବେ ମରିବା ବେଳକୁ କାହିଁକି ଏତେ ବୋହୁ ବୋହୁ । ଘର ବୋଲି ଏଇ ଗୁଡ଼ିଖଣ୍ଡେ ଯାଗା, ଏଥିରେ ଆମେ ଗୁଡ଼ିପ୍ରାଣୀ ରହିବା ବେଳକୁ ପବନ ଟିକେ ଯିବା ଆସିବାକୁ କଷ୍ଟ ହେଉଛି । ଏମିତିରେ କେହି ଆସିଲେ ଏହି ଘରେ ରହିବ କେମିତି ? ତମକୁ କହିଦେଉଛି ଯଦି ସେ ଆସିଲେ କହିଲେ, ଜମା ଭଲ ହେବନି । ନିରୁପାୟ ଯୋଗେନ୍ଦ୍ର ବଡ଼ଭାଇଙ୍କୁ ଫୋନ କରେ; ଭାଇ, ତୁ ତ ଜାଣିଛୁ, ମୁଁ ଗୋଟିଏ ବଖରା ଘର ନେଇ ରହୁଛି, ଏଠି ବାପାଙ୍କୁ କୋଉଠି ରଖିବି ? ସେଇ ଗୋଟିଏ ଘରେ ରୋଷେଇ, ପିଲାଙ୍କ ପାଠପଢ଼ା, ଉଠାବସା ସବୁ କରୁଛି । ଯୋଗେନ୍ଦ୍ର କଥା ଶୁଣି ପରଶୁ କହେ, ଠିକ୍ କଥା । ହଉ ମୁଁ ଦେଖୁଛି କଣ ହେଉଛି ।

ଭୁବନେଶ୍ୱରରେ ସେ ତିଆରି କରୁଥିବା ଘରେ ଆଣି ରଖି ପିତାଙ୍କ ସେବା କରେ ପରଶୁ । ସେବାରେ ଘନଶ୍ୟାମ ସୁସ୍ଥ ହୋଇଉଠନ୍ତି, ଏହି ସମୟରେ ନିଜ ଘର ପ୍ରତିଷ୍ଠା କରେ ପରଶୁ ଏବଂ ଘରର କେଉଁ ଭାଗ କେଉଁ ଭାଇର ତାହା ଲେଖା ଦଲିଲ ସାନଭାଇଙ୍କୁ ଦେଖାଏ । କିନ୍ତୁ ଧିରେ ଧିରେ ଘନଶ୍ୟାମର ସୁସ୍ଥତା ସମାପ୍ତ ହୋଇଆସେ ଏବଂ ସେ ପୁଣି ରୋଗଗ୍ରସ୍ତ ହୋଇଯାଆନ୍ତି । ପିତାଙ୍କ ଶେଷ ସମୟରେ କେହି ବି ଆସନ୍ତି ନାହିଁ । ଯୋଗେନ୍ଦ୍ର ଗୁକିରୀରେ ଉନ୍ନତି କରିଲାଣି । ସମ୍ବିତର କଲେଜ ସରକାରୀ ହୋଇଗଲାଣି । ସମସ୍ତେ ନିଜ ନିଜ ଗୁକିରୀ ଓ ପରିବାର ଚିନ୍ତାରେ ମଗ୍ନ । ପରଶୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବା ସତ୍ତ୍ୱେ ଘନଶ୍ୟାମ ଦିନେ ଆଖି ବୁଜିଦିଅନ୍ତି ।

କିନ୍ତୁ ଏହାପରେ ପରଶୁର ଆଖି ଖୋଲିଯାଏ, ଯେତେବେଳେ ପିତାଙ୍କ ଅନ୍ତିମ ସଂସ୍କାର ପାଇଁ ସେ ତାଙ୍କୁ ନେଇ ସ୍ୱର୍ଗଦ୍ୱାର ଯାଏ, ସମ୍ବିତ କହେ ସେ କୌଣସି କାମରେ ବ୍ୟସ୍ତ ଅଛି ହୁଏତ ଆସିପାରିବ ନାହିଁ, ଆଉ ଯୋଗେନ୍ଦ୍ର ଆସେ କିନ୍ତୁ ଏକା । ନିତା ଘରର ବଡ଼ବୋହୁ ହୋଇମଧ ଆସିଲା ନାହିଁ । ନାତିନାତୁଣୀ ବି ଆସିଲେ ନାହିଁ । ଅନ୍ତିମ ସଂସ୍କାର ପରେ ଶ୍ରାଦ୍ଧକର୍ମ ପାଇଁ ଆବଶ୍ୟକ ଅର୍ଥ କଥା କହିଲା ବେଳକୁ ଉଭୟ ସମ୍ବିତ ଆଉ ଯୋଗେନ୍ଦ୍ର କୌଣସି ବାହାନା ଦେଖାଇ ଅର୍ଥାଭାବ କଥା କହି ଏଡ଼ାଇ ଦିଅନ୍ତି । ଘର ତିଆରି ପରେ ଅର୍ଥାଭାବ ସହୁଥିବା ପରଶୁକୁ ଏଇ ଘଟଣା ଦିଏ ଅନେକ ଆଘାତ । ସେ

ବ୍ୟତିବ୍ୟସ୍ତ ହୋଇପଡ଼େ । କିନ୍ତୁ ଠିକଣା ସମୟରେ ଜିତେନ୍ ସହାୟତା କରିବାପରେ ସବୁକାମ ହୋଇଯାଏ । ସୁଧିକାମ ସରିବା ପରେ ଯୋଗେନ୍ଦ୍ର ଓ ସମ୍ବିତ ନିଜ ନିଜ ବାଟରେ ଫେରିଯାଆନ୍ତି, କିନ୍ତୁ ପରଶୁ ମନରେ ଆସେ ବ୍ୟାପକ ପରିବର୍ତ୍ତନ । ନିଜ ରକ୍ତର ଭାଇମାନେ ବି ଶେଷରେ ମୋତେ ଏକା କରିଦେଲେ ବୋଲି ସେ ମନେ ମନେ କାନ୍ଦିପକାଏ ।

ଅନେକ ବର୍ଷ ବିତିଗଲାଣି । ଚାକିରୀ ଜୀବନ ସରିଲାଣି । ତିନିମହଲା ଘରର ଦୁଇମହଲା ଭଡ଼ାରେ ଦେଇ ପରଶୁ ନିଜେ ଗୋଟିଏ ମହଲାରେ ଏକା ଏକା ରହୁଛି । ଅବଶ୍ୟ ଜିତେନ୍ ଅନେକ ସମୟରେ ଆସି ଭଲମନ୍ଦ ପଚାରି ବୁଝୁଛି, କିନ୍ତୁ ସେ ଏକା ଏକା ଅନୁଭବ କରୁଛି । ମନେ ମନେ ଚିନ୍ତା କରୁଛି ମୋ ଭାଇମାନେ କଣ ଜାଣିନ୍ତିନି ମୁଁ ଏକା ଅଛି ? କାହିଁ, କେହି କେବେ ଥରେ ବି ଆସି ମୋ ଭଲମନ୍ଦ ବୁଝୁନାହାନ୍ତି । ଫୋନଟିଏ ବି କରୁନାହାନ୍ତି । ଏମିତି ଅନ୍ୟମନସ୍କତା ଭିତରେ ଥରେ ସେ ଶିଡ଼ିରୁ ଖସି ପଡ଼ିଯାଏ ଏବଂ ହସପିଟାଲରେ ଭର୍ତ୍ତି ହେବାକୁ ପଡ଼େ, ସେତେବେଳେ ବି କେବଳ ଜିତେନ ହିଁ ଆସି ସବୁ ସେବାକରେ ସିନା ଆଉ କେହି ଦେଖାଦିଅନ୍ତି ନାହିଁ । ଯୋଗେନ୍ଦ୍ର ଆଉ ନିତା ଦିନେ ଆସି ଖାଲି ଦେଖାକରି ଚାଲିଯାଆନ୍ତି ଆଉ ସମ୍ବିତ ଓ ସୁଶ୍ରୀ ମଧ୍ୟ ।

ସେଇଦିନ ସନ୍ଧ୍ୟାରେ ପରଶୁ ଅଫିସ୍‌ର ଜଣେ ସହକର୍ମୀ ଦେଖାକରି ଆସନ୍ତି ଆଉ କହନ୍ତି ଯେ ଯୋଗେନ୍ଦ୍ର ଆଉ ସମ୍ବିତ ଆଜି ଷ୍ଟେସନ ପାଖରେ ସୁନାଗହଣା କିଣୁଥିଲେ । ଏହା ଶୁଣି ପରଶୁକୁ ବହୁତ କଷ୍ଟ ହୁଏ । ଗୋଡ଼ ଭାଙ୍ଗିଗଲାପରେ ଦୁଇ ଭାଇ ଆସି ଦେଖାକରିଗଲେ ଅର୍ଥ ସାହାଯ୍ୟ କରିବା ଦୂରର କଥା ସ୍ନେହରେ ଦୁଇପଦ କଥା ହେଲେନି । ଏଣେ ଜିତେନ୍ ଆଉ ତା ସ୍ତ୍ରୀ ପରଶୁର ସେବାରେ ସବୁ କାର୍ଯ୍ୟ କରୁଥାନ୍ତି । ସେମାନଙ୍କ ସେବାରେ ପରଶୁ ସୁସ୍ଥ ହେବାପରେ ପୁଣିଥରେ ମନକୁ ଦୃଢ଼କରି ନିଜ ଘରର ଉଇଲ୍ ପରିବର୍ତ୍ତନ କରି ଘରକୁ ଜିତେନ୍ ନାମରେ କରି ଦିଅନ୍ତି ।

ଦିନେ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ସେ ଜିତେନ୍ ଓ ତା ସ୍ତ୍ରୀକୁ ଘରକୁ ଡାକନ୍ତି ଆଉ ସେମାନଙ୍କ ହାତରେ ଘରର ଚାବି ଦେଇ କୁହନ୍ତି, ଆଜିଠୁ ଏହି ଘରର ଅଧିକାରୀ ତୁମେ । ମୋର ନିଜ ବୋଲି ଯେଉଁମାନେ ଥିଲେ ସେମାନେ ମୋତେ ସାତପର କରିଦେଲେ, ମୋ ସୁଖଦୁଃଖରେ ଠିଆ ହେବାକୁ ଉଚିତ ମଣିଲେ ନାହିଁ । ମୋ ଅସହାୟ ସମୟରେ ସେମାନେ ମୋତେ ସାହାଯ୍ୟ କଲେ ନାହିଁ । ତୁମେ

ମୋର ଅନେକ ସେବାକରିଛ । ସେଇଥିପାଇଁ ଏ ଘର ମୁଁ ତୁମ ନାଁ ରେ କରିଦେଇଛି । ଜିତେନ୍ ନେହୁରି ହୋଇକହେ, ସାର୍ ଆପଣଙ୍କ ଘର, ଆପଣଙ୍କର ଏବଂ ଆପଣଙ୍କ ଭାଇମାନଙ୍କର । ମୋତେ କିଛି ଦରକାର ନାହିଁ । ଆପଣଙ୍କ ଆଶୀର୍ବାଦ ଆମ ଉପରେ ଥାଉ । ପରଶୁ ମନେ ମନେ ନିଜ ରକ୍ତର ଭାଇମାନଙ୍କ କଥା ଭାବୁଥିଲା, ସେ କହିଲା; ତୁମେ ମୋର ନିଜ ଭାଇମାନଙ୍କ ଠାରୁ ବି ଅଧିକ । ମୁଁ ଯାହା ନିଷ୍ପତ୍ତି ନେଇଛି ତାହା ଠିକ୍ ନେଇଛି । ବର୍ତ୍ତମାନ ମୋର ଅନ୍ତିମ ସମୟ । ମୁଁ ଆଉ କେତେ ବର୍ଷ ବା ବଞ୍ଚିବି, ତେଣୁ ମୁଁ ନିଷ୍ପତ୍ତି ନେଇଛି ମୁଁ ହରିଦ୍ୱାର ଚାଲିଯିବି । ସେଠାରେ ଏକ ଆଶ୍ରମରେ ରହିବାପାଇଁ ନିବେଦନ କରିଥିଲି, ସେମାନେ ହଁ କହିଛନ୍ତି । ମୋର ଜୀବନର ଶେଷ ସମୟତକ ବିଭୁସେବାରେ ବିତେଇବି । ଯଦି ସେଇଠି ମୋର ପ୍ରାଣ ଚାଲିଯାଏ, ତେବେ ସେମାନେ ତୁମକୁ ଖବର ଅବଶ୍ୟ ଦେବେ । ମୁଁ ଜାଣିଛି, ମୋ ଭାଇମାନେ କିଛି କରିବେନି କିନ୍ତୁ ତୁମେ ମୋ ଅସ୍ଥିକୁ ନେଇ ଆମ ଗାଁରେ ମୋ ଘର ବାଡ଼ିରେ ଯେଉଁଠି ମୋ ମାଆ ଓ ଭଉଣୀର ଅସ୍ଥି ଅଛି, ସେଇଠି ପୋତିଦେଇ ଆସିବ । ମୋତେ ଶ୍ରାଦ୍ଧ ନ ଦିଅ ପଛେ ମୋତେ ହତାଦର କରିବନାହିଁ । କହୁ କହୁ ପରଶୁ କାନ୍ଦିପକାଏ । ପରଶୁ ପାଦତଳେ ବସି ଜିତେନ୍ ଓ ତା ସ୍ତ୍ରୀ ନିର୍ବାକ ତାକୁ ଚାହିଁ ରହିଥାନ୍ତି ।

ପରଶୁ ହରିଦ୍ୱାର ଚାଲିଯାଏ । ଜିତେନ୍ ଓ ତା ସ୍ତ୍ରୀ ଏବେ ସେଇ ତିନିମହଲା କୋଠାଘରେ ରହୁଛନ୍ତି । ଏବେ ବି ଘରର ନାଁ ପର୍ଶୁରାମ ନିବାସ ବୋଲି ଦେଇଛନ୍ତି । ଘରେ ପରଶୁ ବାବୁଙ୍କ ଗୋଟିଏ ବଡ଼ ଚିତ୍ର ଲାଗିଛି, ସେଠାରେ ସଞ୍ଜବେଳେ ଦୀପଦେବାକୁ ଭୁଲୁନାହାନ୍ତି । ସମ୍ବିତ୍ ଓ ଯୋଗେନ୍ଦ୍ର ଥରେ ଅଧେ ଆସିବାପରେ ଜାଣିପାରିଛନ୍ତି ଯେ ଭାଇ ଘରର ଉଇଲ୍ ଜିତେନ୍ ନାମରେ କରିଦେଇଛନ୍ତି ବୋଲି, ସେମାନେ ନିରୁପାୟ ହୋଇ ଫେରିଯାଇଛନ୍ତି । କିଛିଦିନପରେ ହରିଦ୍ୱାରରେ ହୃଦ୍‌ଘାତରେ ପରଶୁର ମୃତ୍ୟୁହୋଇଛି । ସେ କହିଥିବା କଥାକୁ ଅକ୍ଷରେ ଅକ୍ଷରେ ପାଳିଛନ୍ତି ଜିତେନ୍ ଓ ତା ସ୍ତ୍ରୀ । ସାରା ଜୀବନ ଅନ୍ୟର ଖୁସିଦେଖୁଥିବା ଲୋକଟା ଆଜି ସଦଗତି ପାଇଛି ବୋଲି ଅନେକ କହୁଛନ୍ତି ।

ବ୍ରହ୍ମପୁର

ଇ-ମେଲ୍ : saritapanda71@gmail.com

# କୁନି କୁନି ପିଲାଙ୍କ ପାଇଁ

ରାହୁଲ ପଣ୍ଡା



ପିଲାମାନେ, ମୁଁ ତୁମର ରାହୁଲ ଭାଇ । ତୁମମାନଙ୍କ ପାଖକୁ ଆସିଗଲି ଆଜି ଆମ ପୃଥିବୀର ଜଣେ ବଡ଼ 'ମା'ଙ୍କୁ ନେଇ । 'ମା' କହିଲେ ପ୍ରଥମେ ଆମେମାନେ ବୁଝୁ ଜଗତଜନନୀ ମା ଦୁର୍ଗାଙ୍କୁ । ଦ୍ୱିତୀୟରେ ଗୋମାତା ଏବଂ ତୃତୀୟରେ ଆମର ନିଜ ଜନ୍ମ ଦେଇଥିବା ମା । ମା ହେବା ନାରୀ ଜୀବନର ଚରମ ସାର୍ଥକତା । ମା ହେବାର ଶକ୍ତି ଥିବାରୁ ମଣିଷ ନାରୀକୁ ସମାଜର ଏକ ଉଚ୍ଚ ସ୍ଥାନରେ ରଖିଛି । କିନ୍ତୁ ଆଜି ମୁଁ ତୁମମାନଙ୍କୁ ଏମିତି ଜଣେ ମା'ଙ୍କ ବିଷୟରେ କହିବି, ଯେ ବିବାହିତା ନୁହନ୍ତି କିନ୍ତୁ ସେ ରୋଗୀ, ପୀଡ଼ିତ ଅସହାୟଙ୍କର ମା', ଜଣେ ଦେବୀ ସଦୃଶ । ରୋଗୀମାନଙ୍କୁ ଦେଖିଲେ ତାଙ୍କ ଚକ୍ଷୁରୁ ଗଡ଼ିଯାଉଥିଲା ଅଜସ୍ର ଅଶ୍ରୁ । ଏହି ମହାନ ନାରୀ ହେଉଛନ୍ତି ଆମର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ, 'ମା' ମଦର ଟେରେସା ।

ବାଲ୍ୟକାଳରେ ତାଙ୍କର ନାଁ ଥିଲା ଏଗ୍ନେସ୍ ଗୋନେକ୍ସା ବୋଜାଖିସହିଭ୍ । ୧୯୧୦ ମସିହା ଅଗଷ୍ଟ ମାସ ୨୬ ତାରିଖରେ ଇଟାଲୀର ସ୍କୋପେଜ୍ ସହରରେ ସେ ଜନ୍ମ ହୋଇଥିଲେ । ପିଲାବେଳେ ସେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ମନରେ ସେବାଭାବ ଜାଗ୍ରତ ହୋଇଥିଲା । ଏବଂ ବିଶେଷତଃ ସେ ରୋଗୀମାନଙ୍କ ସେବା କରିବାପାଇଁ ଆଗ୍ରହ ପ୍ରକାଶ କରି ତତ୍କାଳୀନ ଭାରତରେ କଲିକତା ସହରରେ ରହୁଥିବା କିଛି ପାଦ୍ରୀଙ୍କ ପାଖକୁ ପତ୍ର ଲେଖିଥିଲେ ।

୧୯୨୯ ମସିହାରେ ପିତାଙ୍କ ଠାରୁ ଅନୁମତି ନେଇ କେତେକ ପାଦ୍ରୀଙ୍କ ସହ ସେ କଲିକତା ଆସିଲେ ଏବଂ ଲରେଟୋ ଉଚ୍ଚ ବିଦ୍ୟାଳୟରେ ଭୂଗୋଳ ବିଷୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କଲେ । କିନ୍ତୁ ତାଙ୍କର ଅନ୍ତରାତ୍ମା ତାଙ୍କୁ ଦୁଃସ୍ଥ ଅସହାୟ ମାନଙ୍କ ସେବା କରିବାପାଇଁ ବାରମ୍ବାର ପ୍ରେରିତ କରିଥିଲା । ଏବଂ ସେ ନିଜର ଦୈନନ୍ଦିନ ଦାୟିତ୍ୱପରେ ରୋଗୀମାନଙ୍କୁ ବିକାର ଆଦିକୁ ଆଦୌ ଘୃଣା ନ କରି ମନ, ପ୍ରାଣ ଓ ହୃଦୟ ଦେଇ ସେମାନଙ୍କର ସେବା କରୁଥିଲେ । ନିଜର ସହାନୁଭୂତି ଓ ସମ୍ବେଦନଶୀଳତା ଦ୍ୱାରା ସେ ଅନେକ ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରି ପାରିଥିଲେ । ତାଙ୍କର ସ୍ୱେଚ୍ଛାହୀନ ସେବାପରେ ସମସ୍ତେ ତାଙ୍କୁ ମଦର ଟେରେସା ବୋଲି ସମ୍ବୋଧନ କରିବା ଆରମ୍ଭ

କରିଥିଲେ । ଯାହା ମୃତ୍ୟୁପରେ ବି ତାଙ୍କ ନାମକୁ ଅମର କରିଦେଇଥିଲା ।

୧୯୪୭ ମସିହାରେ ସେ ଲରେଟୋ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ପଦ ତ୍ୟାଗକରି କଲିକତାର ମୋତିଲାଲ୍ ବସ୍ତିରେ ରୋଗଯନ୍ତ୍ରଣାରେ ଛଟପଟ ହେଉଥିବା ଲୋକମାନଙ୍କର ସେବାରେ ମନୋନିବେଶ କରିଥିଲେ । ୧୯୪୮ ମସିହାରେ ସେ ଭାରତର ନାଗରିକତ୍ୱ ଗ୍ରହଣ କରିଥିଲେ । ୧୯୫୨ ମସିହାରେ ଖ୍ରୀଷ୍ଟଧର୍ମର ସର୍ବୋଚ୍ଚ ମୁଖ୍ୟ ପୋପ୍‌ଙ୍କ ଅନୁମତି ନେଇ ସେ 'ନିର୍ମଳ ହୃଦୟ ସେବାସଦନ' ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ । ଏହା ଦ୍ୱାରା ସେ ଅନେକ ସେବାକାର୍ଯ୍ୟ କରିବାରେ ଲାଗିଲେ । ରୋଗୀ ସେବା ବ୍ୟତୀତ ସେ ମୂକବଧିର ମାନଙ୍କର ଥଇଥାନ ମଧ୍ୟ କରୁଥିଲେ ।

୧୯୬୯ ମସିହାରେ ତାଙ୍କୁ 'ଜବାହାରଲାଲ୍ ନେହେରୁ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୧୯୭୦ ମସିହାରେ ସେ ଆମେରିକୀୟ ରାଷ୍ଟ୍ରପତି ଜନ୍ କେନେଡ଼ି ଏବଂ ପୋପ୍‌ଙ୍କ ଦ୍ୱାରା ସମ୍ମାନିତା ହୋଇଥିଲେ । ୧୯୭୯ ମସିହାରେ ତାଙ୍କୁ ନୋବେଲ୍ ପୁରସ୍କାର ଦ୍ୱାରା ସମ୍ମାନିତା କରାଯାଇଥିଲା । ୧୯୮୦ ମସିହାରେ ଭାରତ ରତ୍ନ, ୧୯୮୩ରେ ଅର୍ଡର୍ ଅଫ୍ ଦ ମେରିଟ୍, ଏବଂ ୧୯୮୯ ମସିହାରେ ଗ୍ରେଟ୍ ବ୍ରିଟେନ୍ ଦ୍ୱାରା ଶ୍ରେଷ୍ଠମାନବ ପଦବୀରେ ତାଙ୍କୁ ଅଧିଷ୍ଠିତା କରାଯାଇଥିଲା । ୮୬ ବର୍ଷ ବୟସରେ ମଦର ହୃଦ୍‌ରୋଗରେ ଆକ୍ରାନ୍ତ ହେଲେ, ସେତେବେଳେ ଆଲବାନିଆର ରାଷ୍ଟ୍ରପତି ତାଙ୍କୁ ଦେଶରେ ସର୍ବୋଚ୍ଚ ସମ୍ମାନ, 'ଆଲବାନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ । ଏହାପରେ ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖରେ ଏହି ମହୀୟସୀ ମହିଳାଙ୍କର ମହାପ୍ରୟାଣ ଘଟିଥିଲା ।

ଜାଣିଚ ପିଲାମାନେ, ମଦରଙ୍କର କଣ ସବୁଠାରୁ ଭଲ ଗୁଣ ଥିଲା, ଯାହା ତାଙ୍କୁ ଏତେ ଉଚ୍ଚ ଆସନରେ ବସେଇଥିଲା । ତାହା ହେଉଛି ମା'ଙ୍କ ପାଖରେ ଗର୍ବ, ଦର୍ପ ଓ ଅହଂକାର ପରି ଦୁର୍ଗୁଣ ନଥିଲା । ଦୁଃସ୍ଥ ମାନଙ୍କ ସେବା ଓ ଯତ୍ନ ତାଙ୍କ ଜୀବନର ପରମବ୍ରତ ଥିଲା, ସେଇଥିପାଇଁ ସେ ପ୍ରଭୁ ପରଂବ୍ରହ୍ମଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତା ଥିଲେ । ଏହି ମହାନ୍ ଆତ୍ମାଙ୍କର ସଦଗତି ପାଇଁ ଆମେ ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ ।

ଆଜିପାଇଁ ଏତିକି, ପୁଣିଥରେ ଆଗାମୀ ମାସରେ ଜଣେ ମହାପୁରୁଷଙ୍କ କଥାକୁ ନେଇ ଆସିବି, ତୁମ ରାହୁଲ ଭାଇ ।

ବ୍ରହ୍ମପୁର

# ବାଇଗଣ ବ୍ୟଞ୍ଜନ

କୁନି ମିଶ୍ର



ଆଜିକାଲିର ବିଭିନ୍ନ ପ୍ରକାରର ଘରେଇ ବ୍ୟଞ୍ଜନ ପ୍ରସ୍ତୁତ ପ୍ରଣାଳୀରେ ବାଇଗଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବାଇଗଣକୁ ବ୍ୟବହାର କରି ବିଭିନ୍ନ ରକମର ସ୍ୱାସ୍ଥ୍ୟୋପଯୋଗୀ ବ୍ୟଞ୍ଜନ ଆମେ ପ୍ରସ୍ତୁତ କରିପାରିବା । ମୁଁ ଏହିଠାରେ ବାଇଗଣ ବ୍ୟବହୃତ କିଛି ବ୍ୟଞ୍ଜନର ପ୍ରସ୍ତୁତ ପ୍ରଣାଳୀ ନିମ୍ନରେ ଉଲ୍ଲେଖ କରୁଛି ।

## *ଖଟାମିଠା ବାଇଗଣ*

ବାଇଗଣ - ୧ ଟା (ବଡ଼), ଦହି - ୧ କପ୍, ଚିନି - ଦେଢ଼ ଚାମଚ, ଭୃସଙ୍ଗ ପତ୍ର - ୭-୮ ଟା, ମେଥିପାନ ମହୁରୀ ଫୁଟଣ - ୧/୨ ଚାମଚ, ଶୁଖିଲା ଲଙ୍କା - ଛୋଟ ଫାଳଟିଏ, ଜୀରା ଗୁଣ୍ଡ - ୧/୩ ଚାମଚ, ଲଙ୍କା ଗୁଣ୍ଡ - ୧/୪ ଚାମଚ, ତେଲ - ୧ ଚାମଚ, ହଳଦୀଗୁଣ୍ଡ - ୧/୪ ଚାମଚ, ଲୁଣ - ସ୍ୱାଦାନୁସାରେ

ପ୍ରଣାଳୀ : ଚୁଲିରେ କରେଇ ବସାନ୍ତୁ । ଅଧା ଚାମଚ ତେଲ ପକାଇ କରେଇର ସବୁଆଡ଼େ ବୁଲେଇ ଦିଅନ୍ତୁ । କରେଇରେ ତେଲ ତାତିଗଲେ, ଆଗରୁ କଟା ହୋଇ ରଖାହୋଇଥିବା ବାଇଗଣ ଖଣ୍ଡ ଗୁଡ଼ିକୁ ପକାନ୍ତୁ । ଆବଶ୍ୟକ ପରିମାଣର ଲୁଣ ଓ ହଳଦୀ ଗୁଣ୍ଡ ପକାଇ ବାଇଗଣ ଖଣ୍ଡ ଗୁଡ଼ିକୁ ଘାଣ୍ଟି ଦିଅନ୍ତୁ । ତା'ପରେ କିଛି ପାଣି ଛିଞ୍ଚିଦେଇ ବାଇଗଣକୁ ସିଝିବା ପାଇଁ ଘୋଡ଼ିଦିଅନ୍ତୁ । ଏକ ଗଭୀର ପାତ୍ରରେ ଦହିକୁ ନିଅନ୍ତୁ । ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ, ଜୀରାଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ଚିନି ପକାଇ ଭଲକରି ମିଶାଇ ଦିଅନ୍ତୁ । ଏହାପରେ ସିଝିଯାଇଥିବା ବାଇଗଣ ଖଣ୍ଡକୁ ସେଥିରେ ମିଶାନ୍ତୁ ।

ପୁଣିଥରେ ଖାଲି କରେଇକୁ ଚୁଲିରେ ବସାନ୍ତୁ । ସେଥିରେ ୧/୪ ଚାମଚ ତେଲ ପକେଇ ଗରମ କରନ୍ତୁ । ତେଲ ତାତିଗଲା ପରେ ସେଥିରେ ପାନମହୁରୀ, ଫୁଟଣ, ଶୁଖିଲା ଲଙ୍କା, ଭୃସଙ୍ଗ ପତ୍ର, ପକାଇ ଭଲ ଭାବରେ ଭଜି ଦିଅନ୍ତୁ । ସେହି ଭଜାକୁ ପୂର୍ବରୁ ଗଭୀର ପାତ୍ରରେ ରଖାଯାଇଥିବା ଦହି ବାଇଗଣ

ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ । ବର୍ତ୍ତମାନ ଆପଣଙ୍କ ଖଟାମିଠା ବାଇଗଣ ପ୍ରସ୍ତୁତ ହୋଇଗଲା । ଏହାକୁ ଅରୁଆ ଭାତ, କମ୍ବା ସାଧା ପଲଉ ସାଥିରେ ଖାଇବାକୁ ଭଲ ଲାଗେ ।

## *ଟମାଟ ପିଆଜ ମିଶା ବାଇଗଣ ଭର୍ତ୍ତା*

ବଡ଼ ବାଇଗଣ - ୧ଟି, ଛୋଟ ପିଆଜ - ୧ ଟି, ଛୋଟ ଟମାଟ - ୧ ଟି, ଅଳ୍ପ କିଛି ଧନିଆପତ୍ର, ଭୃସଙ୍ଗ ପତ୍ର, ୧/୪ କପ୍ ସୋରିଷ ତେଲ, ଫୁଟଣ ପାଇଁ କିଛି ସୋରିଷ ଏବଂ ଶୁଖିଲା ଲଙ୍କା, ଆବଶ୍ୟକ ଅନୁସାରେ ଲୁଣ

ପ୍ରଣାଳୀ : - ପ୍ରଥମେ ଏକ ବଡ଼ ବାଇଗଣ ନିଅନ୍ତୁ, ଏଥିରେ ପୋକ ଅଛି କି ନାହିଁ ଜାଣିବା ପାଇଁ ଛୁରୀ ସାହାଯ୍ୟରେ ଏହାକୁ କାଟି ଦୁଇଫାଳ କରିଦିଅନ୍ତୁ । ବାଇଗଣକୁ ଏମିତି କାଟିବେ ଯେମିତି ଏହାର ଡେମ୍ଫ କଟିବ ନାହିଁ । ପରେ ଏହି ବାଇଗଣକୁ ଏକ ରୁଟି ସେକା ଉପରେ ରଖି ଚୁଲି ଉପରେ ରଖି ପୋଡ଼ନ୍ତୁ । ବାଇଗଣଟି ସମ୍ପୂର୍ଣ୍ଣ ପୋଡ଼ିଗଲାପରେ ଏକ ପାତ୍ରରେ ଥଣ୍ଡା ପାଣି ରଖି ତାକୁ ପକାଇ ଦିଅନ୍ତୁ । କିଛି ସମୟ ପରେ ବାଇଗଣଟିରୁ ପୋଡ଼ା ଅଂଶ ଛଡ଼େଇ ଦିଅନ୍ତୁ । ଯଦି ବାଇଗଣରୁ ପାଣି ବାହାରୁଥାଏ, ତେବେ ତାହାକୁ ଚିପୁଡ଼ି ସେଥିରୁ ବାକି ପାଣି ବାହାର କରିଦିଅନ୍ତୁ । ଏହି ପାଣି ରହିବା ଦ୍ୱାରା କିଛି ଲୋକଙ୍କ ପାଟିରେ କୁଣ୍ଡିଆ ବି ହୋଇପାରେ । ତା ପରେ ବାଇଗଣକୁ ଭଲ ଭାବରେ ଚକଟି ଦିଅନ୍ତୁ । ସାନ ସାନ ଖଣ୍ଡ କରି ପିଆଜ ଓ ଟମାଟ କାଟନ୍ତୁ । ଚୁଲିରେ କରେଇ ବସେଇ ୧/୪ ଗ୍ରାମଚ ସୋରିଷ ତେଲ ପକାନ୍ତୁ, ଏବଂ ତେଲ ଗରମ ହୋଇଗଲା ପରେ ସେଥିରେ ସୋରିଷ ଏବଂ ଲଙ୍କା ପକାଇ ଭାଜନ୍ତୁ । ଫୁଟଣ ଫୁଟିଯିବାପରେ କଟା ଯାଇଥିବା ପିଆଜ ପକେଇ ଭାଜନ୍ତୁ । ଏହା ପରେ ଟମାଟ ପକାନ୍ତୁ । ଭର୍ତ୍ତା ପାଇଁ ଆବଶ୍ୟକ ପରିମାଣର ଲୁଣ ପକେଇ ଢାଙ୍କୁଣୀ ଦେଇ ଚୁଲିକୁ ସିମ୍ କରି ଦିଅନ୍ତୁ । ଦୁଇ ତିନି ମିନିଟ୍ ପରେ ଢାଙ୍କୁଣୀ ବାହାର କରି ଦେଖନ୍ତୁ ପିଆଜ ଓ ଟମାଟ ପୁରା ମିଶିଯାଇଥିବେ । ଏଥିରେ ଚକଟା ଯାଇଥିବା ବାଇଗଣକୁ ମିଶେଇ ଭଲ ଭାବରେ ଘାଣ୍ଟିଦିଅନ୍ତୁ । ପୁଣିଥରେ ଢାଙ୍କୁଣୀ ଘୋଡ଼େଇ ଦିଅନ୍ତୁ । ପୁଣି କିଛି ସମୟ ପରେ ସେଥିରେ ଭୃସଙ୍ଗ ପତ୍ର କମ୍ବା ଧନିଆ ପତ୍ର ମିଶେଇ ଘୋଡ଼େଇ ଦିଅନ୍ତୁ । ଆପଣଙ୍କ ବାଇଗଣ ଭର୍ତ୍ତା ତିଆରି ହୋଇଗଲା । ଏହାକୁ ଉଭୟ ପଖାଳ ଏବଂ ଶୁଖିଲା ଭାତ ସହିତ ଖିଆଯାଇପାରେ ।

## ପିଆଜ ବାଇଗଣ ଭର୍ତ୍ତା

୧ ଟି ବଡ଼ ବାଇଗଣ, ୧/୪ ଗ୍ଲାମଚ ତେଲ, ଗୋଟିଏ ଛୋଟ କଞ୍ଚାଲଙ୍କା, ଗୋଟିଏ ଛୋଟ ପିଆଜ, ସ୍ୱାଦାନୁସାରେ ଲୁଣ

ପ୍ରଣାଳୀ :- ପୂର୍ବାନୁଯାୟୀ (ଏହା ପୂର୍ବରୁ ଦିଆଯାଇଥିବା ଉପାୟ) ବାଇଗଣଟିକୁ ପୋଡ଼ି ଭଲ ଭାବରେ ଚକଟି ଦିଅନ୍ତୁ । ପିଆଜକୁ ଛୋଟ ଛୋଟ ଖଣ୍ଡ କରି କାଟି ରଖନ୍ତୁ । କଞ୍ଚାଲଙ୍କାକୁ ମଝିରୁ ଦୁଇଫାଳ କରି କାଟି ରଖନ୍ତୁ । ଚକଟା ଯାଇଥିବା ବାଇଗଣରେ ସୋରିଷ ତେଲ, କଟା ପିଆଜ ଏବଂ ଲଙ୍କା ଦେଇ ଭଲରେ ଚକଟି ଦିଅନ୍ତୁ । ଏହା ମଧ୍ୟ ଉଭୟ ଶୁଖିଲା ଏବଂ ପଖାଳ ଭାତ ସହ ଖାଇବାକୁ ଭଲ ଲାଗେ ।

## ସାଧା ବାଇଗଣ ଭର୍ତ୍ତା

୧ଟି ବଡ଼ ବାଇଗଣ, ୧/୪ ଗ୍ଲାମଚ ଘିଅ, ଗୋଟିଏ ଛୋଟ ଲଙ୍କା, ସ୍ୱାଦାନୁସାରେ ଲୁଣ

ପ୍ରଣାଳୀ :- ପୂର୍ବାନୁସାରେ ବାଇଗଣଟିକୁ ପୋଡ଼ି ଭଲ ଭାବରେ ଚକଟି ଦିଅନ୍ତୁ । ସେଥିରେ ଘିଅ, ଲୁଣ ଓ କଞ୍ଚା ଲଙ୍କା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଓପାସବ୍ରତରେ ଏହା ଅରୁଆ ଭାତ, କମ୍ପା ରୁଟି ସହିତ ମିଶାଇ ଖାଇଲେ ଭଲ ଲାଗେ ।

## ବାଇଗଣର ଉପକାରିତା

ବାଇଗଣ - ଏହାର ସ୍ୱାସ୍ଥ୍ୟ ହିତକାରୀ ଅନେକ ଗୁଣ ଅଛି । ଏହା ରୋଗ ପ୍ରତିଷେଧକ, କଲେଷ୍ଟ୍ରଲ୍ କମ କରିବାରେ ସହାୟକ, ଭୂତାଣୁଜନିତ ରୋଗ ନିରୋଧକ, ସ୍ୱାସ୍ଥ୍ୟବର୍ଦ୍ଧକ ଭାବରେ କାମ ଦିଏ । ଏଥିରେ ଅଧିକ ମାତ୍ରାରେ ପୁଷ୍ଟିସାର, ଭିଟାମିନ୍ ସି, ଫାଇବର୍, ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି ଏବଂ ବି-୬ ଆଦି ପୋଷକତତ୍ତ୍ୱ ମିଳିଥାଏ । ଏହା ଦ୍ୱାରା ଆମ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିପାଏ ।

ଭୁବନେଶ୍ୱର

# ଆତଙ୍କର ନାଁ ସ୍ୱାଇନ୍ ଫ୍ଲୁ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବିଗତ ଦିନରେ ବଲିଉଡ଼ର ଅଭିନେତ୍ରୀ ସୋନମ୍ କପୁର ଏବଂ ଅଭିନେତା ସଲମାନ୍ ଖାନ୍ ଗୁଜୁରାଟରେ କୌଣସି ଚଳଚ୍ଚିତ୍ରର ସୁଟିଂ କରୁଥିବା ସମୟରେ ସ୍ୱାଇନ୍ ଫ୍ଲୁ ନାମକ ରୋଗର ଶୀକାର ହୋଇଗଲେ । ସୂଚନାଯୋଗ୍ୟ ଯେ ଏହି ରୋଗ ବର୍ତ୍ତମାନ ସମଗ୍ର ଦେଶକୁ ନିଜ କବଳରେ ନେଇ ସାରଲାଣି । କେବଳ ଗୁଜୁରାଟରେ ହିଁ ଶତାଧିକ ଲୋକ ଏହି ରୋଗ ହେତୁ ପ୍ରାଣ ହରେଇ ସାରିଲେଣି ।

ସଂପ୍ରତି ଏହି ରୋଗ ଓଡ଼ିଶାରେ ଦେଖା ଦେଇଛି । ଏବଂ ଆମେ ଏହି ଲେଖା ଲେଖିବା ବେଳକୁ କିଛି ରୋଗୀ ଏହି ରୋଗରେ ପ୍ରାଣ ହରେଇ ସାରିଛନ୍ତି । କିନ୍ତୁ ଏହି ରୋଗ କଣ ? ଏହା କାହିଁକି ହୁଏ ? କେମିତି ହୁଏ ? କାହାକୁ ହୁଏ ? ଏହି ସବୁ ବିଷୟରେ ସମସ୍ତେ ଅଜ୍ଞାନ । ତେଣୁ ଆପଣଙ୍କ ସୂଚନା ନିମିତ୍ତ ଏହି କ୍ଷୁଦ୍ର ସୂଚନା ଆଲେଖ୍ୟ ପ୍ରସ୍ତୁତ କରୁଛି । ଆଶା କରୁଛି ଆପଣ ମାନେ ଏହାକୁ ପଢ଼ିବା ପରେ ନିଜକୁ ତଥା ନିଜ ପରିବାର ଏବଂ ସମାଜକୁ ସ୍ୱାଇନ ଫ୍ଲୁ ପରି ଦୁରାରୋଗ୍ୟ ବ୍ୟାଧିଠାରୁ ବଞ୍ଚେଇ ପାରିବେ । ପ୍ରଶ୍ନୋତ୍ତର ମାଧ୍ୟମରେ ଏହି ବିଷୟରେ ବିଶେଷ ବିବରଣୀ ଦେଉଛି ।

*ସ୍ୱାଇନ୍ ଫ୍ଲୁ କଣ ?*

ସ୍ୱାଇନ୍ ଫ୍ଲୁ ଏକ ଶ୍ୱାସନଳୀ ସଂକ୍ରମଣ ଜନିତ ରୋଗ । ଯାହା କି ସାଧାରଣତଃ ଭୂତାଣୁ (Virus) ଦ୍ୱାରା ବ୍ୟାପିଥାଏ । ଏହି ରୋଗ ପ୍ରକୃତରେ ଘୁଷୁରୀ ଜାତୀୟ ପ୍ରାଣୀମାନଙ୍କ ଠାରେ ଦେଖାଦେଇଥାଏ । ଏହି ରୋଗାକ୍ରାନ୍ତ ଘୁଷୁରୀମାନଙ୍କ ନାକରୁ ଅନବରତ ପାଣି ବହୁଥାଏ, କାଶ, କଫ, ଦୁର୍ବଳତା, ତରଳଝାଡ଼ା ଏବଂ ଆହାର ନେବାରେ ଅନିଚ୍ଛା ପରି ଲକ୍ଷଣ ଦେଖାଦେଇଥାଏ ।

*କେଉଁ ଭୂତାଣୁ ସ୍ୱାଇନ୍ ଫ୍ଲୁ ରୋଗ କରାଏ ?*

ମୁଖ୍ୟତଃ ଏକ ପ୍ରକାର ଇନ୍‌ଫ୍ଲୁଏଞ୍ଜା ଭୂତାଣୁ (RNA Virus), ଯାହା ଇନ୍‌ଫ୍ଲୁଏଞ୍ଜା ସି ଏବଂ ଏ ଶ୍ରେଣୀର

ହୋଇଥାଏ । ଏହ ସବୁ ଭୂତାଣୁ H1N1, H1N2, H2N3, H2N1 ଏବଂ H3N2 ଶ୍ରେଣୀର ହୋଇଥାନ୍ତି ।

*ଯଦ ଏହା ଘୁଷୁରୀମାନଙ୍କ ରୋଗ ତାହେଲେ ମନୁଷ୍ୟମାନଙ୍କୁ କପର ହୁଏ ?*

ଏହ ରୋଗ ଆଗରୁ କେବଳ ସେଇମାନଙ୍କୁ ହେଉଥିଲା ଯେଉଁମାନେ ଘୁଷୁରୀମାନଙ୍କ ସିଧା ସଂସ୍ପର୍ଶରେ ଆସୁଥିଲେ କମ୍ବା ଯେଉଁମାନେ ଘୁଷୁରୀ କାଟୁଥିଲେ, ଏବଂ ସମ୍ଭବତଃ ସେଇ ମାନଙ୍କଠାରୁ ଏହା ଏବେ ଅନ୍ୟମାନଙ୍କୁ ହେଉଛ । ଯେହେତୁ ଏହା ଶ୍ୱାସନଳୀ ସଂକ୍ରମଣ, ତେଣୁ ଏହା ହେବାର ସୁଯୋଗ ଅଧିକ ଅଛ ।

*ସ୍ୱାଇନ୍ ଫ୍ଲୁ ରୋଗର ମୁଖ୍ୟ ଲକ୍ଷଣ ସବୁ କଣ ?*

ଫ୍ଲୁ ବା ଥଣ୍ଡାଜ୍ୱର ପର ସମସ୍ତ ଲକ୍ଷଣ ଦେଖାଯାଏ । ନାକରୁ ପାଣି ବହବା, ଗଳା କାଟିବା, କାଶ ଓ କଫ, ଦୁର୍ବଳତା, ଜ୍ୱର, ତରଳ ଝାଡ଼ା, ଏବଂ ଆହାର ନେବାରେ ଅନଚ୍ଛା । ସାଧାରଣତଃ ଏହାକୁ ଆମେ ଥଣ୍ଡାଜ୍ୱର, ଟାଇଫଏଡ୍ କମ୍ବା ନମୋନଆ ବୋଲ ଧରନେଇଥାଉ ।

*ଜଣେ ରୋଗୀକୁ ସ୍ୱାଇନ୍ ଫ୍ଲୁ ହୋଇଛ ବୋଲ କପର ଜାଣିବା ?*

ସ୍ୱାଇନ୍ ଫ୍ଲୁ ହୋଇଥିବାର ସନ୍ଦେହ ହେଲେ ରୋଗୀର ନାକ ଏବଂ ଗଳାର ସଂକ୍ରମିତ ଲାଳକୁ ସଂଗ୍ରହ କର ପରୀକ୍ଷା କରାଯାଇପାରେ । ଏହ ପରୀକ୍ଷା ରାଜ୍ୟର ସମସ୍ତ ମେଡ଼ିକାଲ୍ କଲେଜରେ ଉପଲବ୍ଧ ଅଛ । ଏହା ବ୍ୟତୀତ ଏହା ଆଞ୍ଚଳକ ପରୀକ୍ଷଣ କେନ୍ଦ୍ର କମ୍ବା ଜାତୀୟ ପରୀକ୍ଷଣ କେନ୍ଦ୍ରକୁ ମଧ ପଠାଇ ହେବ ।

*ସ୍ୱାଇନ୍ ଫ୍ଲୁ ପାଇଁ କେଉଁପ୍ରକାର ଚକତ୍ସା ଉପଲବ୍ଧ ?*

ସରକାରୀ ସ୍ତରରେ ଏହ ରୋଗର ଏକ ପ୍ରଭାବଶାଳୀ ଔଷଧ ଟାମିଫ୍ଲୁ (Tamiflu / Oseltamivir) ନଃଶୁଳ୍କ ଉପଲବ୍ଧ ଅଛ । ଏହା ସ୍ୱାଇନ୍ ଫ୍ଲୁ ରୋଗୀ ଏବଂ ତାଙ୍କ ପାଖରେ ରହୁଥିବା ସମସ୍ତ ଲୋକଙ୍କୁ ଦଆଯାଏ । ଶିଶୁମାନଙ୍କ ପାଇଁ ରେଲେଞ୍ଜା (Relenza / Zanamavir) ନାମକ ଔଷଧ ମଧ ଅଛ । ଏହାକୁ ନାକରେ ଡ୍ରପ୍ ଆକାରରେ ବ୍ୟବହାର କରାଯାଏ । ସ୍ୱାଇନ୍ ଫ୍ଲୁ ହେଉଥିବା ସମୟରେ ରାଜ୍ୟର ସମସ୍ତ ଚକତ୍ସାଳୟରେ ଏକ ସ୍ୱତନ୍ତ୍ର ୱାର୍ଡ୍ ଖୋଲାଯାଇଥାଏ । ଯେଉଁଠାରେ ଏହ ପ୍ରକାରର ରୋଗୀଙ୍କୁ ରଖାଯାଏ ଏବଂ ଅଭଜ୍ଞ ଚକତ୍ସକ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଦ୍ୱାରା ଚକତ୍ସା କରାଯାଏ ।

*କେଉଁମାନେ ସ୍ୱାଇନ୍ ଫ୍ଲୁର ଶୀକାର ହୋଇପାରନ୍ତି ?*

ପାଞ୍ଚବର୍ଷରୁ କମ ବୟସର ଶିଶୁ, ବୃଦ୍ଧବୃଦ୍ଧା, ରୋଗପ୍ରତିଷେଧକ ଶକ୍ତି କମଥିବା ବ୍ୟକ୍ତି (ଯକ୍ଷ୍ମାରୋଗୀ / ଏଡ୍ସ ରୋଗୀ), ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର, ଫାର୍ମାସିଷ୍ଟ ଏବଂ ସେବକା, ନର୍ସିଂ ହୋମରେ ରହୁଥିବା ଲୋକ, ରୋଗୀଙ୍କ ନିକଟ ପରିଜନ ଇତ୍ୟାଦି ଲୋକମାନେ ଏହି ରୋଗ ସଂକ୍ରମଣ ହେବାରେ ଅଧିକ ସୁଯୋଗ ରହିଛି ।

*ସ୍ୱାଇନ୍ ଫ୍ଲୁ ର ପ୍ରତିକାର ପାଇଁ କୌଣସି ଟୀକାକରଣ ବ୍ୟବସ୍ଥା ରହିଛି କି ?*

ହଁ, H1N1 ଶ୍ରେଣୀର ଭୂତାଣୁ ପାଇଁ ଟୀକାକରଣ ବ୍ୟବସ୍ଥା ରହିଛି । ଏହା ଉଭୟ ସରକାରୀ ଏବଂ ବେସରକାରୀ ଭାବରେ ଉପଲବ୍ଧ । ଏହି ଟୀକା କେବଳ H1N1 ଶ୍ରେଣୀର ଭୂତାଣୁ ଜନିତ ସ୍ୱାଇନ୍ ଫ୍ଲୁରୁ ଆପଣଙ୍କୁ ରକ୍ଷା କରିପାରେ । କିନ୍ତୁ ସ୍ୱାଇନ୍ ଫ୍ଲୁ ହେବାପାଇଁ ଅନେକ ଅନ୍ୟାନ୍ୟ ଭୂତାଣୁ ରହିଥିବାରୁ ଏହା ଶତପ୍ରତିଶତ ସୁରକ୍ଷା ଯୋଗାଇଦେବ କି ନାହିଁ ତାହା କହିବା ଅସମ୍ଭବ ।

*ନିଜକୁ ସ୍ୱାଇନ୍ ଫ୍ଲୁଠାରୁ ଦୂରରେ ରଖିବା ପାଇଁ ଆଉ କଣ ବ୍ୟବସ୍ଥା କରିହେବ ?*

ସାମାନ୍ୟ ସାବଧାନତା ଦ୍ୱାରା ଏହା ସମ୍ଭବ । ଯେମିତି ମୁହଁରେ ମାସ୍କ ପିନ୍ଧିବା, ହାତକୁ ସାବୁନପାଣିରେ ଧୋଇବା, କିମ୍ବା ସ୍ପିରିଟରେ ଧୋଇବା, କାଶୁଥିବା ଲୋକଙ୍କ ଠାରୁ ଦୂରରେ ରହିବା, ଜନଗହଳି ସ୍ଥାନଠାରୁ ଦୂରରେ ରହିବା ଇତ୍ୟାଦି ଦ୍ୱାରା ଆମେ ସ୍ୱାଇନ୍ ଫ୍ଲୁ ଜନିତ ରୋଗଠାରୁ ରକ୍ଷା ପାଇପାରିବା ।

*ସ୍ୱାଇନ୍ ଫ୍ଲୁ ଆକ୍ରାନ୍ତ ବ୍ୟକ୍ତିଙ୍କ ଭବିଷ୍ୟତ କଣ ?*

ଯଥା ଶୀଘ୍ର ଚିକିତ୍ସା କଲେ ଦୁଇ ସପ୍ତାହରେ ସ୍ୱାଇନ୍ ଫ୍ଲୁ ରୋଗୀ ସମ୍ପୂର୍ଣ୍ଣ ଭାବେ ରୋଗମୁକ୍ତ ହୋଇପାରିବ । ବେଳେ ବେଳେ ଚିକିତ୍ସାରେ ଅବହେଳା କିମ୍ବା ବିଳମ୍ବରେ ଚିକିତ୍ସା କରିବା ଦ୍ୱାରା ଦୁରାରୋଗ୍ୟ ନିମୋନିଆ ହୋଇପାରେ । ଏଥିପାଇଁ ସ୍ୱାଇନ୍ ଫ୍ଲୁ ହୋଇଥିବାର ସନ୍ଦେହ ହେଲେ ତୁରନ୍ତ ସ୍ୱାସ୍ଥ୍ୟସେବା ନେବାପାଇଁ କୁହାଯାଏ । ସାଧାରଣତଃ ଏହି ରୋଗରେ ମୃତ୍ୟୁହାର ଅଧିକ ନଥିଲେ ସୁଦ୍ଧା, ବିଳମ୍ବରେ ଚିକିତ୍ସା କିମ୍ବା ଚିକିତ୍ସାରେ ଅବହେଳା, କିମ୍ବା ରୋଗର ଭୁଲ ନିଦାନ ହେତୁ ରୋଗୀ ଅକାଳ ମୃତ୍ୟୁବରଣ କରିପାରେ ।

ସ୍ୱାଇନ୍ ଫ୍ଲୁଠାରୁ ରକ୍ଷାପାଇବାକୁ ହେଲେ ଏହାଠାରୁ ଦୂରରେ ରହିବା ଶ୍ରେୟସ୍କର ।

# କମଣ ଡୁଡୁ

ପ୍ରଶାନ୍ତ କୁମାର ଭୂୟାଁ



ହେଇଟି ଇଆଡ଼େ ଟିକଏ କାନୋଉନୁ;

ଆମ ଗାଁ ସାଉପୁଅ ପର୍ ତା ବୋଉକୁ "ମମ୍" ବେଲ୍ ହୁଙ୍କାରୁଚ ଆଉ ତା'ବାଆ କୁ "ଡାଡ୍" କଉଚ। ହ୍ୟାଳପ କ'ଣ ସବୁ ଏଣୁତେଣୁ ବାଉଳ ବଗୁଳ ହେଉଚ। କଏ ହୁସିଲ୍ ବଜେଇଲେ କଉଚ "ସିଟି", କାହାକୁ ପାଖରେ ବସେଇଲେ କଉଚ "ସିଟି", କେଉଁଠୁ ଆଇଲୁ ବେଇଲେ କଉଚ "ସିଟି" ଆଉ ଶଳା ହଗିଲେ ବ କଉଚ "ସିଟି" । ଉଚ୍ଛୁଣିକା ଗାଁ ପିଲେ ତାକୁ ଦେଖିଲେ କଉଚେଡ "ସିଟି ଗାଇ" ।

ମୁଁ ସେଦନ ହାଁ କର ଅନେଇବାରୁ ମତେ କଉଚ,

"କମଣ ଡୁଡୁ"

ସେ ଶଳା ବ ଦ'କାନରେ ପଇତା ସୂତା ଭଳଆ ଦଟା ବାଇରୀ ଗଳେଇ ବାର ଏଣ୍ଡୁଅ ଭଳ ମୁଣ୍ଡଟାକୁ କେତେବେଳେ ଟୁଙ୍ଗାର ନୁହିଁ ପଡୁଚ ତ କେତେବେଳେ ଝାଡ଼ାବାନ୍ତ କଲ୍ଭଳ " ଏ ଓଃ ବ୍ୱ" ନହେଲେ ବାଲୁମୂଳଆ ଘା ହେଲ୍ ଭଳଆ "ଉଃ ଆଃ" ହେଇଥାଉଚ । କେତେବେଳେ କୋରଟରେ ଥିବା ଘଡ଼ିର ସେଇ ଘଣ୍ଟିକା ଭଳଆ ଏକାନ ସେକାନ ହଲ ଥାଉଚ। ପଗୃରଲେ କଉଚ "ପାପ ସାଙ୍ଗ" ନହେଲେ "ରେପ ସାଙ୍ଗ" ଶୁଣୁଚ । ଅବାଗିଆ କଥା ଇଏ। ଏ କ ଗୀତ, କସ ଅଛ ସେ ଗୀତରେ କେଜାଣି । ଶଳା ଖାଲ ହଲୁଚ ଝୁଲୁଚ ।

ଆଉର କଉଚ ଶୁଣୁନୁ ତା'କଥା। ଟାଉନଆ ଦେଖେଇ ହୋଉଚ। ଖାଇଲ ହାତରେ ଝାଚ ଲଗୋଉଚ, ଡେବର ହାତରେ ସିଗୁରୁଟୁ। ହଣ୍ଡାହାଣ୍ଡିର ପାଣି ପିଉନ ବୋଲ ଦେଠେଇ କଉଥିଲ୍ ସେଦନ। ଖାଲ ବୋତୋଲେ ପାଣି ରଙ୍କ ଦୋକାନରୁ ବାକରେ ଆଣୁଚ। ସେଦନ ତା ମା ରୁଟି ବେଲ ଦେବାରୁ କଇଲ୍ ଏ ସବୁ କଣ ମଣିଷ ଖାଆନ୍ତ କ ଲେ ! ରୁଟିଟାକୁ ପାନ ଭଳଆ ମୋଡ଼ି ତା'ଭିତରେ ଆଳୁଭଜା ଆଉ ପିଆଜ ମାର କଉଚ ଏଇଟା ପିତାରେ୍ଲ। ମା'କୁ କଉଚ ପିଆଜ କରେ, ବାରଘର କରେ, ସାଙ୍ଗଉଆଚ

କରେ; ଶଳା, ଆମ ବାପଅଜା କାଳେ ଶୁଣିନୁ ଦକାନ ଉଠିଲ୍ ବେଲୁ ଏମନ୍ତ କଥା। ବଡ଼ କାଣ୍ଡୁଆଟାଏ। ଦ ବରଷ ଯାଇ ଦୁବେଇରେ ନଉକରୀ କର ଆଇଲା ଯେ ଆଉ ରଖେଇ ଥୋଇ ଦେଉନ ପଗ। ଘର ଭିତରକୁ ଆଇଲେ ସେ ଗୋଦରଗୋଡ଼ିଆ ବୁଟୁ କାଢୁନ। ଆମ ଘର କୋଠାଇଶାଣ ଯାଏଁ ସେଦନ ମାଡ଼ି ପଳେଇଲା। ସେଦନ ଦେଇଥାନ୍ତି ଯେ ଆକାନକ, ହ୍ୟାଳପର କାନକୁଟିକୁ, ହର ଗୁଡ଼ିଯାଇଥାନ୍ତା। କଇଲେ କଉଚ "ସାରୀ"।

କ ବଦେଶ ଗଲ୍ ଯେ,

ଶଳା ଆଉ ବଣବୁଦାରେ ହଗି ପାରୁନ। ଘରେ ଠିଆ ପାଇଖନା କରଚ।ସବୁ କରୁଚ ଠିଆରେ। ନଳୀ ପେଣ୍ଟର ଚେନେଟା ସାଇଁ କନା ମେଲ ଦେଇ ସବୁ ଠ-ଠା-ଠି। ହଗିଲେ ଛଞ୍ଚୁନ। ବେଣ୍ଡେଜ୍ କାଗଜରେ ଖାଲ ପୋଛ ଦେଉଚ। ସେ ଝାଡ଼ା ଛୁଆଁଚରେ ଗାଁ ସାର୍ ବୁଲୁଚ। ୯ଟାରେ ଉଠୁଚ ଗ୍ତ ୩ଟାରେ ଶୋଉଚ। ହାତରେ ମିସିନଟେ ଧରଚ ଯେ କସ କଇବ ସେ ମିସିନର କଥା। ବଡ଼ ଜନ୍ତର ହେଇଚ ବା। ତାହିଁରେ ଫୋଟୋ, ତାହିଁରେ ନାଟ, ତାହିଁରେ କଥା ଆଉ ତାହିଁରେ ପାଣିପବନ କଥା ସବୁ ଆଉଚ। କଉଚ ସେଇଟାର ନାଁ ଆଣ୍ଟରଡ଼ି। ଆମେ ଗ୍ରପାଣି ପିଇଲେ ଟିକଏ ତାତେଲ୍ କର ପିଉଚୁ କ ନାଇଁ; ହେଲେ ସିଏ ପିଉଚ "କୁଲ୍ଡ଼ କାଫି" । ଘରେ ଥଣ୍ଡାଶୀତଳ ପେଢ଼ିଟେ ରଖିଚ। ତାହିଁରୁ କାଉପଥର କାଢ଼ି କାଫି ଗୋଳେଇ ପିଉଚ।

ଆବା, ରଇଥା ରେ; କହୁଛ ତା ଛଡ଼ି ସବୁ। ଯୋ ଦନ ଗାଁକୁ ଆସିଲା; ଘରେ ପଶିଚ କ ନାଇଁ, ତା ଜେଜେବୁଢ଼ୀ ଦାଣ୍ଡରେ ବଇଥିଲା। ତାକୁ ଯାଇ ଦ ହାତ ତେନ୍ତାରୀ କଇଲା "ହଗ"। ସକାଳୁ ବୁଢ଼ୀକି ନାଳରକତ ଝାଡ଼ା ହଗି ହେଇ ଧଇଁ ଉଠୁଥିଲା। ଆର ହଗ ଶୁଣି ବୁଢ଼ୀ ଗୁନଆଁ ହେଇ ତା' ନୁଗାପଟା ସବୁକୁ ଆଖି ବୁଲେଇନେଲା। ଭବଲା କାଳେ ନୁଗାରେ ଗଳେଇ ଦେଇଥିବ ଗୁଅମୁତ କଛ। ହେଲେ କଛ ନାଇଁ। ତା'ର ଗଗ ପଞ୍ଚମକୁ ଉଠିଲା। ବାଙ୍କୁଲୀ ବାଡ଼ି ଧର ତଡ଼ିନେଲ୍ ନାତଆକୁ ରଇଜଳା...ରକତଖିଆ କହ। ଏ ମର୍ଡନ ମାଧିଆ ବେଗ୍ମୁଣା ପକେଇ ଧାଇଁଲ୍ ବାର ଆଡ଼େ ଦେଠେଇ ପାଖକୁ।

ଆଉ ଥରେ କ'ଣ ହେଇଚ ବେଇଲେ...

ମତେବ ଏଇ ମିସିନଟା ଆଗରେ ବସି ଆଉ ସେଇ ମାଙ୍କଡ଼ଦାନ୍ତିଆ ଗୁଣ୍ଡିଯାକ ବାଡ଼େଇ ବାଡ଼େଇ ବଜାରଆ ଲଗିଲାଣି ଭାଇ-ଭଉଣୀଏ;

ଆଉଦନେ... ! ! !

-ପ୍ରଭୁ

[ଗାଉଁଲି କଥାର କୟଦଂଶ:

ଅନେକ ସାହିତ୍ୟବନ୍ଧୁଙ୍କ ସଗଗ ହେତୁ ଏଇ କଥାଟି ଓଡ଼ିଶାର ଗାଁ ଗହଳରେ ବୋଲ୍ ଯାଉଥିବା ପ୍ରକାରେ ଲେଖା ହୋଇଅଛି;

ଏଇ କଥା ହୁଏତ କେଉଁ ଶବ୍ଦକୋଷରେ ନମିଳପାରେ ଅଥବା ଗାଁ ବାହାରେ ଶୁଣିବାକୁ ସ୍ୱପ୍ନ ହୋଇଥାଇ ପାରେ; ହେଲେ ଏଇ କଥା ଏବେବ ମୋ କର୍ଣ୍ଣଗହ୍ୱରରେ ଗୁଞ୍ଜେ। ଅତ ମଧୁର ଲାଗେ ସେଇ କଥା ସବୁ। ଜଣେ ମଫସଲିଆ ମଣିଷର ମୁହଁରୁ ଇଂରଜୀ ଶବ୍ଦଗୁଡ଼ିକ ଶୁଣିଲେ ଠିକ୍ ସେହିପର ଲାଗେ ଯେପରକ କୁନପିଲାଟିଏ ପ୍ରଥମଥର ପାଇଁ କଥା କହୁଛି। ଠିକ୍ ଏଇ ଭାବ ନେଇ ପାଠକେ ଏହାକୁ ଗ୍ରହଣ କରବେ। ଅଳମତବସ୍ତରେଣ... ! ! ! ]

[ଏଇ କଥାରେ ବ୍ୟବହୃତ ହୋଇଥିବା ଇଂରଜୀ ଶବ୍ଦର ଓଡ଼ିଆ ଉଚ୍ଚାରଣ...

Modern - ମର୍ଡନ, english – ଇଙ୍ଗିରଗାଜୀ, Mom-ମମ୍, Dad -ଡାଡ୍, Whistle - ହୁସିଲ୍

Sit, City, Shit – ସିଟି, City Guy -ସିଟି ଗାଇ, Come on...Dude -କମଣ ଡୁଡୁ

Wire-ବାଇରୀ, Court-କୋରଟ, Pop-ପାପ, Rap-ରେପ, Watch-ୱାଚ, Cigarette-ସିଗୁରୁଟୁ

Bottle-ବୋତୋଲେ, Pita Roll-ପିତାରୋଲ, Pizza-ପିଆଜ, Burger-ବାରଘର, Sandwich-ସାଙ୍ଗଉଆଚ

Dubai-ଦୁବେଇ, Boot-ବୁଟୁ, Sorry – ସାରୀ, Tissue Paper - ବେଣ୍ଡେଜ୍ କାଗଜରେ

Machine –ମିସିନ, Photo-ଫୋଟୋ, Radio – ରେଡୁଅ, Android-ଆଣ୍ଡରଡ଼ି, Cold Coffee - କୁଲାଡ଼ କାଫି,

Hug-ହଗ୍ ]

[ହଇଓ ପାଠୁଏ,

ଏତକରେ ସରନ ହୋ; ଆଉର ଅଛି ବା।

ତଳକୁ ତଳ କାମେଣ୍ଟ ପେଡ଼ିରେ ସବୁ ଧାଡ଼େଇ ଦେଇଚ ପେଗ।

ଏଇଟା ହେଲା ଭୂୟାଁ ପେସାଲ୍। ପଢୁଥା ଆଉ ହସି ହସି ଗଡୁଥା... ! ! !]

# ପହଲ ସ୍ପର୍ଶ

ସ୍ୱରୂପ କୁମାର ମଲ୍ଲ



ବର୍ଷାର ପହଲ ସ୍ପର୍ଶ
ପଡୁଛ ମନେ,
ବର୍ଷାର ବଷୟରେ କହବାକୁ ଦଅ,
ବର୍ଷାର ସ୍ପର୍ଶରେ
ମୁଁ କେମିତ ଅନୁଭବ କରଥିଲ
ମତେ ବର୍ନିବାକୁ ଦଅ.
ବର୍ଷା,ବର୍ଷା, ଏବଙ୍ଗ ବର୍ଷା
ଦେହରେ ମନରେ ଉନ୍ମାଦନ
କରଦେଉଥାୟେ ବଚଳତ ମନ,
ତମ ସହ ସେହ କେତେ ସମୟ,
ମନରେ ଥିଲ୍ ତମର ବହୁତ୍ ଭୟ,
ତମେ ତ ଗ୍ଲଗଲ ଦୂର ଦେଶେ,
ଦେଖୁଛ ତୁମକୁ ବୋହୂ ବେଶେ,
ଆସିଥିଲ ଜୀବନେ ହାଲକା ପବନ୍ ସାଜ,
ଧକ୍କା ଦେଇ ଗ୍ଲଗଲ ଏକା ମୁଁ ଆଜ...

# ଓମ୍ ନମଃ ଶିବାୟ...

ଶ୍ରୀସୂର୍ଯ୍ୟକାନ୍ତ ଦାଶ



ପବତ୍ର  ଶିବରାତ୍ର
ମୋହାଛର୍ନ ତନ୍ଦ୍ରା
ସମଗ୍ର ସକାଳ
ଭରପୁର୍ ଶିଶିର
ଧୁପ .ଦୀପ ,ନୈବେଦ୍ୟ
ଫୁଲର ସମ୍ଭାର
ନଶ୍ୱର ଶରୀର
ମାୟାର ସଂସାର
ଆଜ ଖୋଜେ
ମାୟା  ମାୟା କୁ...
ଉବୁଟୁବୁ ସମଗ୍ର ମାୟା
ଶୁଭ୍ର ସୁଗନ୍ଧିତ
ସହସ୍ର ଭକ୍ତ ଗଣକୁ
ଠେଲ କଲ
ଶେଷେ  ପ୍ରଣିପାତ
ନଗ୍ନ ବୃଷଭ ଓ
ଯୋନ-ଲଂଗ ସମନ୍ୱୟ

ନଗ୍ନ ପାଶାଣକୁ
ଚତୁର୍ଦିଗ ମହ ମହ ବାସ୍ନା
ଘଣ୍ଟ ଘଣ୍ଟା ଶବ୍ଦ ସହତ
ପଣ୍ଡିତନ୍କ ର ଓମକାର ଧ୍ୱନ
ଧ୍ୱନ ସହତ ଧ୍ୱନର ମିଶ୍ରଣ
ପଞ୍ଚାକ୍ଷର ମନ୍ତ୍ର ଉଚ୍ଚରଣ
ଅର୍ଧ ନମିଳତ ଚକ୍ଷୁ
ସମଗ୍ର ପୃଥିବ ନସ୍ତବ୍ଧ
ସମଗ୍ର ସତ୍ତା ନବେଦତ
ସ୍ପନ୍ଦିତ ହୃଦୟୁ ଶୁଭେ
ଓମ ନମଃ ଶିବାୟ...

# ମତେ ଛାଡ଼ି ତମେ କଣ ବାହା ହେବ ତାଙ୍କୁ !

ଡା ନୀଳମାଧବ କର

ଲଳିତା ପଚାରିଲା ମୋତେ

କରୁଛ କି ପ୍ରେମ ସତରେ କାହାକୁ

ହସି ମୁଁ କହିଲି, ହଁ

ପାଉଛି ମୁଁ ଭଲ ତାକୁ ଅନେକ ଦିନରୁ

ବଡ଼ ବଡ଼ କରି ଆଖି - କାନ ଦୁଇଟେକି

ଘସି ହୋଇ ମୋ ଦେହରେ କହିଲା ଯୁବତୀ

କୁହନା - କାହାକୁ

ମୁଁ କହିଲି, ଈଶ୍ୱରଙ୍କୁ

ତାଙ୍କ ସରଜନା, ତାଙ୍କର ଇଚ୍ଛାକୁ

ଗରଗର ହେଲା ମୋ କନିଆଁ - ଚିଲ୍ଲେଇଲା

'ମତେ ଛାଡ଼ି ତମେ କଣ ବାହା ହେବ ତାଙ୍କୁ' !

ୟୁନାଇଟେଡ୍ କିଙ୍ଗଡମ୍ (UK)

ଆହ୍ୱାନର ଆଗାମୀ ସଂସ୍କରଣ ଅପ୍ରେଲ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।